ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୧

ପ୍ରାକ୍ ସାରଳା ସାହିତ୍ୟ

ବ୍ଲକ୍

## ୩ ପ୍ରାକ୍ ସାରଳା ସାହିତ୍ୟ

ପ୍ରଥମ ଏକକ
**ଚର୍ଯ୍ୟାଗୀତିକା**

ଦ୍ୱିତୀୟ ଏକକ
**ନାଥ ସାହିତ୍ୟ, ସିସୁବେଦ**

ତୃତୀୟ ଏକକ
**କଳସା ଚଉତିଶା**

# ପ୍ରଥମ ଏକକ : ଚର୍ଯ୍ୟାଗୀତିକା

ବିଷୟ ଗଠନ :

୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୩.୧ ଓଡ଼ିଶାରେ ବୌଦ୍ଧଧର୍ମ

୧.୩.୨ ବୌଦ୍ଧ ଆର୍ଚ୍ଚର୍ଯ୍ୟ ଓ ଆଷ୍ଟର୍ଯ୍ୟ ଚର୍ଯ୍ୟାଚୟ

୧.୩.୩ ପ୍ରମୁଖ ଚର୍ଯ୍ୟାକବି ଓ କବିତା

୧.୩.୪ ଭାଷା

୧.୩.୫ ଛନ୍ଦ

୧.୩.୬ ରହସ୍ୟବାଦ

୧.୩.୭ ସାଙ୍ଗୀତିକତା

୧.୩.୮ କବିତ୍ୱ

୧.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୫ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଓଡିଆଭାଷାର ପ୍ରାଚୀନ ସାହିତ୍ୟ ଭାବରେ ଚର୍ଯ୍ୟାଗୀତିକାର ସ୍ୱତନ୍ତ୍ର ସ୍ଥାନ ରହିଛି। କେବଳ ସାହିତ୍ୟ ନୁହେଁ, ସମାଜ ଜୀବନ ଓ ଧର୍ମ ପରମ୍ପରା ଦୃଷ୍ଟିକୋଣରୁ ଏହି ସାହିତ୍ୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏ ପର୍ଯ୍ୟନ୍ତ ଆବିଷ୍କୃତ ଓଡିଆଭାଷାର ପ୍ରଥମ ତାଳପତ୍ର ସାହିତ୍ୟ 'ଚର୍ଯ୍ୟାଗୀତିକା', ଜ୍ଞାନମିଶ୍ରା ଭକ୍ତିମାର୍ଗର ମୌଳିକ ପିଣ୍ଡ ଥିବା 'ନାଥ ସାହିତ୍ୟ' ଏବଂ ସର୍ବପ୍ରାଚୀନ ଚଉତିଶା ସାହିତ୍ୟ ଭାବରେ ଚିହ୍ନିତ 'କଳସା ଚଉତିଶା' କେବଳ ଓଡିଆ ସାହିତ୍ୟକୁ ସମୃଦ୍ଧ କରିନାହିଁ, ବରଂ ଓଡିଆଭାଷାକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଆଲୋଚନା ଦୃଷ୍ଟିରୁ ଏହି ସବୁ ସାହିତ୍ୟିକ ବିଭବର ଗଭୀର ଅଧ୍ୟୟନ କରିବା ସହିତ ବର୍ତ୍ତମାନର ଓଡିଆ ଭାଷା ସହିତ ଏହାର ସମ୍ପର୍କ ବିଷୟରେ ସାମଗ୍ରିକ ବିଚାର ଆଲୋଚନା କରାଯାଇଛି।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଶେଷରେ ଆପଣ ଜାଣିବାକୁ ପାଇବେ :-

- ଚର୍ଯ୍ୟା ସାହିତ୍ୟର ପରିଚୟ।
- ପ୍ରାଚୀନ ଓଡିଆ କବି ଓ କବିତା।
- ପ୍ରାଚୀନ ଓଡିଆ ସାହିତ୍ୟରେ ଚର୍ଯ୍ୟାସାହିତ୍ୟର ସ୍ଥାନ।
- ତତ୍କାଳୀନ ସାମାଜିକ ଅବସ୍ଥା।

## ୧.୩ ବିଷୟ ପ୍ରବେଶ

ଚର୍ଯ୍ୟାକବି ଓ ଚର୍ଯ୍ୟାକବିତା ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଧାନ ଶାଖା–ବଜ୍ରଯାନ ଓ ସହଜଯାନ ସମ୍ପର୍କିତ। ୭ମ ଶତାବ୍ଦୀ ବେଳକୁ ସମଗ୍ର ଭାରତରେ ବୌଦ୍ଧଧର୍ମ ପ୍ରତି ବିପଦ ଦେଖାଦେଇଥିବାବେଳେ ଓଡିଶା ଏହି ଧର୍ମ ଓ ଧର୍ମ ପ୍ରଚାରକଙ୍କୁ ସୁରକ୍ଷିତ ଓ ସଂରକ୍ଷଣ ପ୍ରଦାନ କରିଥିଲା। ଏହା ସତ୍ତ୍ୱେ ବିରୋଧିଙ୍କଠାରୁ ନିଜକୁ ସୁରକ୍ଷିତ ରଖିବାପାଇଁ ବୌଦ୍ଧ ଆଚାର୍ଯ୍ୟଗଣ ବୌଦ୍ଧ ମତବାଦକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାପାଇଁ ତାନ୍ତ୍ରିକ ସନ୍ଧା ଭାଷା ପଦ୍ଧତି ଅନୁସରଣ କରି ଚର୍ଯ୍ୟାକବିତା ରଚନା କରିଥିଲେ। ତେବେ ଏ ବିଷୟରେ ଆଲୋଚନା ପୂର୍ବରୁ ଓଡ଼ିଶା ଭୂଖଣ୍ଡରେ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାର ସମ୍ପର୍କରେ ସଂକ୍ଷିପ୍ତ ଧାରଣା ରହିବା ଉଚିତ।

## ୧.୩.୧ ଓଡ଼ିଶାରେ ବୌଦ୍ଧଧର୍ମ

ଗୌତମବୁଦ୍ଧଙ୍କ ସମୟରୁ **ଓଡ଼ିଶା ମାଟିରେ ପ୍ରଚଳିତ ବୌଦ୍ଧଧର୍ମ ୪ଟି ପର୍ଯ୍ୟାୟରେ ଓଡ଼ିଆ ଜାତି ଓ ସମାଜକୁ କବଳିତ କରିଛି। ପ୍ରଥମ ପର୍ଯ୍ୟାୟରେ** ବୁଦ୍ଧଦେବଙ୍କଦ୍ୱାରା ତଥା ଏହାଙ୍କ ପ୍ରଧାନ ଶିଷ୍ୟ ତପସୁ ଓ ଭଲ୍ଲିକଙ୍କ ମାଧ୍ୟମରେ ବୌଦ୍ଧଧର୍ମ ଓଡ଼ିଶା ମାଟିରେ ପ୍ରବେଶ କରିଥିଲା। ମହାବସ୍ତୁ ଗ୍ରନ୍ଥ ଅନୁସାରେ ବୁଦ୍ଧଙ୍କ ଧର୍ମପ୍ରଚାରକାଳୀନ ତିନିଜଣ ପ୍ରଧାନ ଶିଷ୍ୟ ଉରୁବିଲ୍ୱ, ନନ୍ଦୀ ଓ ଗୟାକାଶ୍ୟପ ଥିଲେ କଳିଙ୍ଗର ସିଂହପୁର ଶାସକଙ୍କର ତିନିଭାଇ। ଦାଠାଧାତୁ ବଂଶ ଗ୍ରନ୍ଥ ଅନୁସାରେ ବୁଦ୍ଧଙ୍କ ମହାପ୍ରୟାଣ ପରେ ତାଙ୍କର ବାମପାର୍ଶ୍ୱ କଳଦନ୍ତକୁ ଥେରାକ୍ଷମ ଆଣି କଳିଙ୍ଗ ରାଜା ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରିଥିଲେ, ଯାହା କଳିଙ୍ଗ ରାଜଧାନୀ ଦନ୍ତପୁରରେ ନିର୍ମିତ ବିଶାଳ ସ୍ତୂପ ମଧ୍ୟରେ ସ୍ଥାପିତ ହୋଇ ପୂଜା ପାଉଥିଲା। ଜାତକ କାହାଣୀ ଅନୁସାରେ କଳିଙ୍ଗ ରାଜକନ୍ୟା

ନିଳେନ୍ଦୀ ଗୌତମବୁଦ୍ଧଙ୍କ ପରାମର୍ଶରେ ଶିକ୍ଷାଦାନ ଆରମ୍ଭ କଲେ। ପରେ ତାଙ୍କଦ୍ୱାରା ସ୍ଥାପିତ ଶିକ୍ଷାନୁଷ୍ଠାନ ନାଳନ୍ଦା ବିଶ୍ୱବିଦ୍ୟାଳୟ ରୂପରେ ଖ୍ୟାତ ହେଲା।

ଅଶୋକଙ୍କଦ୍ୱାରା ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାରର **ଦ୍ୱିତୀୟ ପର୍ଯ୍ୟାୟ** ଓଡ଼ିଶାରେ ଆରମ୍ଭ ହେଲା, ଯଦିଓ ଏହି ସମୟ ବେଳକୁ ବୌଦ୍ଧଧର୍ମ ୬ ଭାଗରେ ବିଭକ୍ତ ହୋଇସାରିଥିଲା ତଥା ଓଡ଼ିଶା ମାଟିରେ ବୌଦ୍ଧଧର୍ମର ବ୍ୟାପକ ପ୍ରଚଳନ ଥିଲା। କଳିଙ୍ଗ ଯୁଦ୍ଧ ପରେ ଅଶୋକ ଦୁଃସାହସୀ କଳିଙ୍ଗ ବଣିକଙ୍କୁ ବୌଦ୍ଧଧର୍ମ ପ୍ରଚାରରେ ଲଗାଇ ଯୁଦ୍ଧଜନିତ କ୍ଷୟକ୍ଷତିକୁ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ। ଯଦିଓ ଅହିଂସାର ଉପାସକ ବୋଲି ତାଙ୍କଦ୍ୱାରା ବିଭିନ୍ନ ଜନପଦରେ ସ୍ଥାପିତ ଶିଳାଲେଖରେ ଉଲ୍ଲେଖ କରାଯାଇଛି, ମାତ୍ର ସେ ଅସ୍ତ୍ରତ୍ୟାଗ କରିନାହାନ୍ତି। ତେଣୁ କଳିଙ୍ଗବାସୀ ପୁଣି ବିଦ୍ରୋହ କଲେ ସେ ପୂର୍ବ ଯୁଦ୍ଧର ପୁନରାବୃତ୍ତି କରିବାକୁ ପଛେଇବେ ନାହିଁ ବୋଲି ଜଉଗଡ଼ ଶିଳାଲେଖର ୬ଷ୍ଠ ଧାଡ଼ିରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି (*ଏହା ମଧ୍ୟ ଜାଣିରଖନ୍ତୁ ଯେ, ରାଜକ୍ଷମା କରିବାକୁ ଯେତେଦୂର ସମର୍ଥ ସେମାନଙ୍କୁ ସେତିକି କ୍ଷମା କରିବେ*–ଜଉଗଡ଼ ଶିଳାଲେଖ)। କେବଳ ସେତିକି ନୁହେଁ, ବୌଦ୍ଧଗ୍ରନ୍ଥ ସାମନ୍ତ ପସାଦିକା ଅନୁସାରେ ସିଂହଳକୁ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାରପାଇଁ ନିଜ ପୁତ୍ର ଓ କନ୍ୟାଙ୍କ ସହିତ କଳିଙ୍ଗର ୧୮ ଜଣ ରାଜା ତଥା ସମ୍ଭ୍ରାନ୍ତବ୍ୟକ୍ତି, ୮ ଜଣ ବ୍ରାହ୍ମଣ ଏବଂ ସାଧକ, ଜଣେ ଋଷୀ ଓ କେତେକ ତନ୍ତୀ, କୁମ୍ଭାର ଜାତିର ବ୍ୟକ୍ତିଙ୍କୁ ପ୍ରେରଣ କରିବା ହିଁ ଓଡ଼ିଶାରେ ସେ ସମୟରେ ପ୍ରଚଳିତ ବୌଦ୍ଧଧର୍ମର ଦୃଢ଼ ସ୍ଥିତିକୁ ତଥା ଅଶୋକଙ୍କ କଳିଙ୍ଗ ଯୁଦ୍ଧ ଭୟ ଜନିତ ଉଦ୍‌ବିଗ୍ନ ମନକୁ ସୂଚାଇଥାଏ।

**ତୃତୀୟ ପର୍ଯ୍ୟାୟ**ରେ କନିଷ୍କଙ୍କ ନେତୃତ୍ୱ ହିଁ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାରକୁ ନୂଆ ରୂପ ଦେଲା। ଏହି ସମୟରେ କଳିଙ୍ଗ ଯୁଦ୍ଧର ମୂକସାକ୍ଷୀ ଧଉଳି ଏକ ପ୍ରସିଦ୍ଧ ବୌଦ୍ଧପୀଠ ରୂପେ ଆତ୍ମପ୍ରକାଶ କରିଥିବାରୁ ୪ର୍ଥ ଶତାବ୍ଦୀରେ ଆଚାର୍ଯ୍ୟ ସର୍ବଗ୍ରାମିନ ଏଠାରେ ବୌଦ୍ଧବିହାର ସ୍ଥାପନ କରି ନିଜ ଶିଷ୍ୟମାନଙ୍କୁ ବୌଦ୍ଧଧର୍ମାଚାର ଶିକ୍ଷା ଦେଇଥିଲେ। ପୁଣି ଏହି ସମୟରେ ବୌଦ୍ଧଧର୍ମ, ହୀନଯାନ ଓ ମହାଯାନ ନାମରେ ଦୁଇଭାଗରେ ବିଭକ୍ତ ହେବାରୁ କନିଷ୍କଙ୍କ ପ୍ରୋତ୍ସାହନରେ ପରିବର୍ଦ୍ଧିତ ହୋଇଥିବା ମହାଯାନପନ୍ଥୀଙ୍କ ପ୍ରଥମ ପ୍ରବର୍ତ୍ତକ ଥିଲେ ବିଦର୍ଭର ପଣ୍ଡିତ ନାଗାର୍ଜୁନ। **କୋଶଳର ପରିମଳଗିରି (ବର୍ତ୍ତମାନ ବଲାଙ୍ଗୀରର ଗନ୍ଧମାର୍ଦ୍ଦନ)** ଠାରେ ଥିବା ବୌଦ୍ଧବିହାରରେ ନାଗାର୍ଜୁନ ନିଜ ଶିଷ୍ୟମାନଙ୍କୁ ମହାଯାନ ବୌଦ୍ଧଧର୍ମ ଶିକ୍ଷା ପ୍ରଦାନ କରିବା ସହ ପ୍ରସିଦ୍ଧ ମାଧ୍ୟମିକ ଦର୍ଶନ ପ୍ରବର୍ତ୍ତନ କରିଥିଲେ। ନାଗାର୍ଜୁନଙ୍କ ପରେ କଳିଙ୍ଗର ରାଜଧାନୀ ସିଂହପୁରଠାରେ ଜନ୍ମିତ ତଥା ତାଙ୍କ ଶିଷ୍ୟ ଆର୍ଯ୍ୟଦେବ ଉକ୍ତ ବିହାରର କୁଳପତି କାର୍ଯ୍ୟ ଗ୍ରହଣ କରିବା ସହ ମାଧ୍ୟମିକ ଚିନ୍ତାଧାରା ପ୍ରସିଦ୍ଧ ପ୍ରାମାଣିକ ଗ୍ରନ୍ଥ **'ଚତୁଃଶତକ'** ରଚନା କରିଥିଲେ। ଏହାଙ୍କ ପରେ ବିଜ୍ଞାନବାଦ ଦର୍ଶନର ପ୍ରବର୍ତ୍ତକ ମୈତ୍ରେୟନାଥ (୨୭୦-୩୫୦), ଅସଙ୍ଗ (୩୧୦-୩୯୦), ବସୁବନ୍ଧୁ (୩୨୦-୪୦୦) ଓ ଦିଗ୍‌ନାଗାଚାର୍ଯ୍ୟ ମହାଯାନ ସମ୍ପ୍ରଦାୟର ଆଚାର୍ଯ୍ୟତ୍ୱ ଗ୍ରହଣ କରିଥିଲେ। ବସୁବନ୍ଧୁ ଶିଷ୍ୟ ଦିଗ୍‌ନାଗାଚାର୍ଯ୍ୟ ୫ମ ଶତାବ୍ଦୀର ଓ ସେ ଓଡ଼ିଶାର ମାଠର ବଂଶୀୟ ରାଜା ଶକ୍ତିବର୍ମାଙ୍କ ମନ୍ତ୍ରୀ ଭଦ୍ରପାଳିଙ୍କ ଗୁରୁ ଓ କବି କାଳିଦାସଙ୍କ ସମସାମୟିକ

(ମେଘଦୂତ କାବ୍ୟ, ପୂର୍ବମେଘ ଶ୍ଲୋକ-୧୪)। **ଡେଲାଙ୍ଗ ନିକଟସ୍ଥ ଭୋରଶୈଳ ବିହାର**ଠାରେ ସେ ଅବସ୍ଥାନ କରୁଥିବାବେଳେ ପ୍ରସିଦ୍ଧ 'ପ୍ରମାଣ ସମୁଚ୍ଚୟ' ଗ୍ରନ୍ଥ ପ୍ରଣୟନ କରି ବୌଦ୍ଧନ୍ୟାୟର ଦୃଢ଼ଭିତ୍ତି ସ୍ଥାପନ କରିଥିଲେ। ଏହି ଗ୍ରନ୍ଥ ଯୋଗୁଁ ତାଙ୍କୁ **ଭାରତୀୟ ନ୍ୟାୟର ପିତା** ଭାବେ ସମ୍ମାନିତ କରାଯାଏ।

ଏହି ସମୟରେ ବୌଦ୍ଧ ହୀନଯାନ ଓଡ଼ିଶାରେ ପ୍ରଭାବ ବିସ୍ତାର କରିଥିଲା। ଏମାନଙ୍କ ପ୍ରିୟ ତୀର୍ଥସ୍ଥଳ ଥିଲା ଦନ୍ତପୁର। ସେଠାରେ ବୁଦ୍ଧଙ୍କ ପରିନିର୍ବାଣ କାଳରୁ କଳିଙ୍ଗରାଜା ବ୍ରହ୍ମଦତ୍ତଙ୍କୁ ଥେରାକ୍ଷମଦ୍ୱାରା ଦିଆଯାଇଥିବା ପବିତ୍ର ଦନ୍ତଧାତୁ ଏକ ସୁନ୍ଦର ଚୈତ୍ୟ ମଧ୍ୟରେ ସଂରକ୍ଷିତ ହୋଇ ପୂଜା ପାଉଥିଲା। ଦାଠାଧାତୁ ବଂଶ ଅନୁସାରେ ତୃତୀୟ ଶତାବ୍ଦୀ ଶେଷବେଳକୁ ପାଟଳୀପୁତ୍ରର ମୁରୁଣ୍ଡବଂଶୀ ରାଜା ପଣ୍ଡୁଙ୍କ ସାମନ୍ତରାଜା ଥିଲେ କଳିଙ୍ଗର ରାଜା ଗୁହଶିବ। ଜୈନଧର୍ମ ରାଜା ପଣ୍ଡୁ ପବିତ୍ର ଦନ୍ତ ପ୍ରତି ବହୁବିଧ ଅସମ୍ମାନ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ପରେ ଏହାର ଅଦ୍ଭୁତ ଆଧ୍ୟାତ୍ମିକ ଶକ୍ତି ଦେଖି ନିଜ ଭୁଲ୍ ବୁଝିପାରିଲେ ଓ ବୌଦ୍ଧଧର୍ମ ଗ୍ରହଣ କଲେ। ଏହି ଅଲୌକିକ ଘଟଣା ସର୍ବତ୍ର ପ୍ରଚାରିତ ହେବାପରେ ପବିତ୍ର ଧାତୁଙ୍କୁ ବଳପୂର୍ବକ ଅଧିକାର କରିବାପାଇଁ ପଡ଼ୋଶୀ ରାଜାଗଣ ବାରମ୍ବାର କଳିଙ୍ଗ ଆକ୍ରମଣ କଲେ। ଶେଷରେ କ୍ଷୀରଧାର ନାମକ ଜଣେ ରାଜାଦ୍ୱାରା ଗୁହଶିବ ପରାସ୍ତ ଓ ମୃତ୍ୟୁଲାଭ କରିବା ପୂର୍ବରୁ କନ୍ୟା ହେମମାଳା ଓ ଜାମାତା ଦନ୍ତକୁମାର ହସ୍ତରେ ବୁଦ୍ଧଙ୍କ ଦନ୍ତଧାତୁକୁ ନିଜର ପ୍ରିୟବନ୍ଧୁ ସିଂହଳ ରାଜା ମହାସେନ (ଖ୍ରୀ.୨୭୭-୩୦୪)ଙ୍କ ନିକଟକୁ ପ୍ରେରଣ କଲେ। ଦନ୍ତଧାତୁ ସିଂହଳ ଚାଲିଯିବା ପରେ ହୀନଯାନପନ୍ଥୀଙ୍କ ପ୍ରସିଦ୍ଧ ଧର୍ମକ୍ଷେତ୍ର ରୂପେ ଦନ୍ତପୁରର ପ୍ରାଧାନ୍ୟ ଲୋପ ପାଇଲା।

ଚତୁର୍ଥ ଶତାବ୍ଦୀ ବେଳକୁ କଳିଙ୍ଗର ପୁଷ୍ପଗିରି ପ୍ରଧାନ ତୀର୍ଥସ୍ଥାନ ଭାବରେ ଖ୍ୟାତିଲାଭ କଲା। ବିଶିଷ୍ଟ ଉପାସିକା ବୋଧିଶ୍ରୀଙ୍କଦ୍ୱାରା ଏଠାରେ ୩ଟି ଶୈଳମଣ୍ଡପ ନିର୍ମାଣ କରାଯାଇଥିଲା ବୋଲି ନାଗାର୍ଜୁନକୋଣ୍ଡା ଅଭିଲେଖରୁ ଜଣାପଡ଼େ। ପୁଷ୍ପଗିରିର ଚୈତ୍ୟ ଓ ସ୍ତୂପମାନ ଏପରି ବିଶାଳକାୟ ଥିଲା ଯେ ସାଧାରଣ ଜନତା, ଏପରିକି ଚୀନ ପରିବ୍ରାଜକ ସ୍ୱୟଂ ହୁଏନ୍‌ସାଂ ମଧ୍ୟ ଏହି ସ୍ତୂପକୁ ଯକ୍ଷ କିମ୍ବା ଦାନବଦ୍ୱାରା ନିର୍ମିତ ହୋଇଥିବାର ବିଶ୍ୱାସ କରିଥିଲେ। ଅର୍ଥାତ୍ ହୁଏନ୍‌ସାଂଙ୍କ ପର୍ଯ୍ୟନ୍ତ ହୀନଯାନପନ୍ଥୀ ବୌଦ୍ଧଧର୍ମର ପ୍ରଭାବ ଓ ପ୍ରତିପତ୍ତି ହ୍ରାସ ପାଇ ନ ଥିଲା। ସେଥିପାଇଁ ହର୍ଷବର୍ଦ୍ଧନ କଙ୍ଗୋଦ ଜୟକରି ଫେରୁଥିବାବେଳେ ହୀନଯାନୀ ଆଚାର୍ଯ୍ୟମାନେ ତାଙ୍କୁ ଭେଟି ମହାଯାନୀ ମତାବଲମ୍ବୀଙ୍କୁ ତିରସ୍କାର କରିବା ସହ ପ୍ରାଜ୍ଞଗୁପ୍ତଙ୍କଦ୍ୱାରା ରଚିତ ମହାଯାନ ମତବିରୋଧୀ ଏକ ଗ୍ରନ୍ଥ ପ୍ରଦାନ କରି ଏହାର ମତ ଖଣ୍ଡନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନକୁ ସ୍ୱୀକାର କରି ହର୍ଷବର୍ଦ୍ଧନ ନାଳନ୍ଦାର କୁଳପତି ଆଚାର୍ଯ୍ୟ ଶୀଳଭଦ୍ରଙ୍କ ନିକଟକୁ ଏକ ସଭାର ଆୟୋଜନପାଇଁ ପତ୍ର ପଠାଇଥିଲେ। ଆଚାର୍ଯ୍ୟ ଶୀଳଭଦ୍ର ନାଳନ୍ଦା ପଣ୍ଡିତମଣ୍ଡଳୀର ଅନୁମୋଦନ କ୍ରମେ ୪ ଜଣ ଶାସ୍ତ୍ରଜ୍ଞ– ସାଗରମତି, ପ୍ରାଜ୍ଞରଶ୍ମି, ସିଂହରଶ୍ମି ଓ ହୁଏନ୍‌ସାଂଙ୍କୁ ଉଡ୍ରଦେଶ ପଠାଇବାପାଇଁ ସ୍ଥିର କଲେ। ପ୍ରଥମ ତିନି ପଣ୍ଡିତ ହୀନଯାନ ଶାସ୍ତ୍ର ଅନଭିଜ୍ଞ ଥିବାରୁ ଉଡ୍ରଦେଶ ଆଚାର୍ଯ୍ୟଙ୍କ ସମ୍ମୁଖୀନ ହେବାପାଇଁ ପଛଘୁଞ୍ଚା ଦେଇଥିଲେ। ତେବେ କୌଣସି କାରଣରୁ ଏହି ସଭା ଅନୁଷ୍ଠିତ ନ ହେବାରୁ ଓଡ଼ିଶାର ମହାଯାନୀ ଆଚାର୍ଯ୍ୟ ଅଭାବ ଅନୁଭବ କରି ହର୍ଷବର୍ଦ୍ଧନ

ପ୍ରସିଦ୍ଧ ଆଚାର୍ଯ୍ୟ ଜୟସେନଙ୍କୁ ଓଡ଼ିଶାରେ ବସବାସପାଇଁ ଅନୁରୋଧ କରିଥିଲେ। ଏହା ହେଉଛି ଓଡ଼ିଶା ମାଟିରେ ବୌଦ୍ଧଧର୍ମ ବିକାଶର **ଚତୁର୍ଥ ପର୍ଯ୍ୟାୟ।**

ଓଡ଼ିଶାରେ ଏକଶତ ବୌଦ୍ଧବିହାର ଓ ଏକହଜାର ବୌଦ୍ଧ ଆଚାର୍ଯ୍ୟ ଥିବା କଥା ହୁଏନ୍‌ସାଂ ଉଲ୍ଲେଖ କରିଛନ୍ତି। ଏହି ସମୟରେ କଳିଙ୍ଗର ପ୍ରଧାନ ବୌଦ୍ଧ ଦାର୍ଶନିକ ଥିଲେ ଆଚାର୍ଯ୍ୟ ଧର୍ମକୀର୍ତ୍ତି। **କୋରାପୁଟ ଜିଲ୍ଲାର ଜଗମୁଣ୍ଡା ପାହାଡ଼ ଶିଖରରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର କାନ୍ଥରେ ଆଚାର୍ଯ୍ୟ ଧର୍ମକୀର୍ତ୍ତିଙ୍କଦ୍ୱାରା ଖୋଦିତ ଅଭିଲେଖରୁ ଜଣାପଡ଼େ, ଏଠାରେ ଏକ ବୌଦ୍ଧବିହାର ଥିଲା।** ଲାମା ତାରାନାଥଙ୍କ ବିବରଣୀରୁ ଜଣାପଡ଼େ, ସେ ଥିଲେ ବିଜ୍ଞାନବାଦୀ, ବୌଦ୍ଧଧର୍ମ ଦର୍ଶନର ପ୍ରଧାନ ସମର୍ଥକ ଓ ବୌଦ୍ଧ ନ୍ୟାୟର ବଳିଷ୍ଠ ଲେଖକ। ଇତ୍‌ସିଂଙ୍କ ମତରେ, ଦିଙ୍ଗ୍‌ନାଗ ବୌଦ୍ଧ ନ୍ୟାୟର ଯେଉଁ ଭିତ୍ତି ପ୍ରସ୍ତୁତ କରିଥିଲେ ତାହାକୁ ଧର୍ମକୀର୍ତ୍ତି ନିଜ ରଚିତ 'ନ୍ୟାୟବିନ୍ଦୁ' ଗ୍ରନ୍ଥଦ୍ୱାରା ବିକଶିତ କରିଥିଲେ। ଯାହାର ପ୍ରତିବାଦରେ ବ୍ରାହ୍ମଣ ନ୍ୟାୟକାର ଉଦ୍ୟୋତକର ରଚିତ କରିଥିଲେ 'ବାଦନ୍ୟାୟ' ଗ୍ରନ୍ଥ। **ଧର୍ମକୀର୍ତ୍ତିଙ୍କ ପ୍ରଚାରିତ ଦର୍ଶନତତ୍ତ୍ୱକୁ ଭିତ୍ତିକରି ଆଧୁନିକ କୋରିଆ ଓ ଜାପାନର ବୌଦ୍ଧଦର୍ଶନ ଗଠିତ ହୋଇଥିଲା, ଯାହା ଏବେ ସେଠାରେ ପ୍ରଚଳିତ।**

ଏହି ସପ୍ତମ ଶତାବ୍ଦୀରେ ବୌଦ୍ଧଧର୍ମ ଓ ସାହିତ୍ୟର କ୍ରୀଡ଼ାସ୍ଥଳୀ ପାଲଟି ଯାଇଥିଲା ଓଡ଼ିଶା। ୭ମ ଓ ଅଷ୍ଟମ ଶତାବ୍ଦୀରେ ଓଡ଼ିଶାର ଭୌମବଂଶୀ ରାଜାଗଣ ବୌଦ୍ଧ ଧର୍ମାବଲମ୍ବୀ ଥିଲେ ମଧ୍ୟ ରାଣୀମାନେ ଶିବ ଓ ବିଷ୍ଣୁଙ୍କ ଉପାସକ ଥିଲେ। ଫଳରେ ଏହି ସମୟରେ ବୌଦ୍ଧଧର୍ମ ସହିତ ଶୈବ ଓ ବୈଷ୍ଣବ ଧର୍ମର ବାରମ୍ବାର ସଂଘର୍ଷ ଘଟିଛି। **ଯେତେବେଳେ କୌଣସି ଧର୍ମ ସଂଘର୍ଷର ସମ୍ମୁଖୀନ ହୁଏ ସେତେବେଳେ ସେ ତା'ର ରଙ୍ଗ ରୂପ ବଦଳାଇଥାଏ।** ବୌଦ୍ଧଧର୍ମ କ୍ଷେତ୍ରରେ ମଧ୍ୟ ତାହା ଘଟିଥିଲା। ଚତୁର୍ଥ ଶତାବ୍ଦୀରେ ଯାଜପୁରର ରତ୍ନଗିରି ଉଭୟ ହୀନଯାନ ଓ ମହାଯାନ ପନ୍ଥୀଙ୍କ ମିଳନସ୍ଥଳୀ ଥିବାବେଳେ ଏହିଠାରେ ଅଷ୍ଟମ ଶତାବ୍ଦୀ ବେଳକୁ ମହାଯାନପନ୍ଥୀ ବୌଦ୍ଧଧର୍ମର ଅସ୍ତରାଗ ସହିତ ବଜ୍ରଯାନର ଗରିମାମୟ ବିଭବ ପ୍ରକାଶିତ ହେଲା ଓ ଏହା ପାଲଟିଯାଇଥିଲା ଭାରତର ଏକ ସୁପ୍ରସିଦ୍ଧ ଶିକ୍ଷାକେନ୍ଦ୍ର। ପୁଣି ଏହି ସମୟରେ **ମହାଯାନ ଯୋଗାଚାରବାଦ ତନ୍ତ୍ରଯାନରେ** ପରିଣତ ହୋଇଥିଲା ଯାହାର **ମୁଖ୍ୟ ଆଚାର୍ଯ୍ୟ ଥିଲେ ପିତୋପାଦ।** ତାଙ୍କ ରଚିତ **'କାଳଚକ୍ର'** ମନ୍ତ୍ର ତନ୍ତ୍ର ସାହିତ୍ୟକୁ ଏକ ଅଭୂତପୂର୍ବ ଅବଦାନ। ପିତୋପାଦ ପ୍ରଭୃତି ବୌଦ୍ଧ ସାଧକଙ୍କ ପ୍ରଚେଷ୍ଟାରେ ତନ୍ତ୍ରଯାନ ମାଧ୍ୟମରେ ବୌଦ୍ଧ ସାଧନାରେ ମୁଦ୍ରା, ମଣ୍ଡଳ, ମାରଣ, ମୋହନ, ସ୍ତମ୍ଭନ, ଉଚ୍ଚାଟନ, ବଶୀକରଣ ପ୍ରଭୃତି ତନ୍ତ୍ର ସାଧନାରେ ମଦ୍ୟ, ମାଂସ, ମତ୍ସ୍ୟ, ଅଷ୍ଟାଙ୍ଗାଦି ସ୍ଥାନ ପାଇଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ତାନ୍ତ୍ରିକ ବୌଦ୍ଧଧର୍ମର ଦୁଇଟି ପ୍ରଧାନ ଶାଖା ଥିଲା– ବ୍ରଜଯାନ ଓ ସହଜଯାନ। 'ସାଧନାମାଳା' ବୌଦ୍ଧ ବଜ୍ରଯାନ ସମ୍ପ୍ରଦାୟର ତାନ୍ତ୍ରିକ ସାଧନାର ୪ଟି ପୀଠ– ଓଡ଼ିୟାନ, ପୂର୍ଣ୍ଣଗିରି, କାମାକ୍ଷା ଓ ସିରହଟ ବୋଲି ଉଲ୍ଲେଖ ରହିଛି। **ବୌଦ୍ଧ ତାନ୍ତ୍ରିକ ମତବାଦ ପ୍ରଥମେ ଓଡ଼ିଆନ୍ ବା ଓଡ଼ିଶାରୁ ସୃଷ୍ଟି ହୋଇ ପରେ ଅନ୍ୟ ତିନି ପୀଠ କାମାକ୍ଷା, ସିରହଟ୍ଟ ଓ ପୂର୍ଣ୍ଣଗିରିକୁ ବ୍ୟାପିଥିଲା।**

**ଶୂନ୍ୟବାଦ ଓ ଶୂନ୍ୟସାଧନା ମଧ୍ୟ ସର୍ବପ୍ରଥମେ ଓଡ଼ିଶାରୁ ସୃଷ୍ଟି ହୋଇ ସମଗ୍ର ବିଶ୍ୱକୁ ବ୍ୟାପିଥିଲା।** ଏପରିକି ବିଶ୍ୱବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ଶିକ୍ଷାପ୍ରାପ୍ତି ପରେ ଓଡ଼ିଶାରେ ଥିବା ତାନ୍ତ୍ରିକ ଶୂନ୍ୟ ସାଧନା ବିଶ୍ୱବିଦ୍ୟାଳୟକୁ ଆସି ଶିକ୍ଷା ଗ୍ରହଣ ନ କଲେ ଶିକ୍ଷା ପୂର୍ଣ୍ଣତା ପାଇପାରୁ ନ ଥିଲା।

ଅଷ୍ଟମ ଶତାବ୍ଦୀ ବେଳକୁ ସମ୍ଭଳକ ବା ସମ୍ବଲପୁର ରାଜା **ଇନ୍ଦ୍ରଭୂତି** ମହାଯାନ ବୌଦ୍ଧ ଧର୍ମର ତନ୍ତ୍ରଯାନରେ ବହୁ ସଂସ୍କାର ଆଣି ତାହାକୁ ବଜ୍ରଯାନ ରୂପେ ପ୍ରଚଳନ କରିଥିଲେ। ତାଙ୍କ ମତରେ ମୁକ୍ତିପାଇଁ ତାନ୍ତ୍ରିକ ସାଧନ ସହିତ ବୁଦ୍ଧିଜ୍ଞାନର ଆବଶ୍ୟକ ରହିଛି। ତେଣୁ ସେ ପଞ୍ଚଧ୍ୟାନୀ ବୁଦ୍ଧ ଆରାଧନାକୁ ବୌଦ୍ଧ ସାଧନା ମଧ୍ୟରେ ପ୍ରବେଶ କରିଥିଲେ। ବଜ୍ରଯାନ ଅନୁସାରେ ବଜ୍ରସତ୍ତ୍ୱ ଓ ପ୍ରଜ୍ଞାପାରମିତା, ପଦ୍ମପାଣି, ଅବଲୋକିତେଶ୍ୱର (ବିଶେଷ ଗୁଣଦେୟତା), ବଜ୍ରପାଣି (ହାତରେ ବଜ୍ର ଧରିଥିବେ, ପାପ ଓ ଅସତ୍ ଏହାଙ୍କ ଶତ୍ରୁ), ଅମୋଘ ସିଦ୍ଧି (ଖଡ୍ଗ ଓ ପୁସ୍ତକ ଧରି ବୁଦ୍ଧି ପ୍ରଖର କରିବା), ମଞ୍ଜୁଶ୍ରୀ, ମୈତ୍ରେୟ (ଭବିଷ୍ୟତର ବୋଧିସତ୍ତ୍ୱ), ନାଗ, ମାରିଚୀ, ହେରୂକ, ବଜ୍ରବରାହ, କୁରୁକୁଲ୍ଲା ପ୍ରଭୃତି ବହୁ ଦେବଦେବୀ ମୂର୍ତ୍ତି ପୂଜା କରାଗଲା। ଇନ୍ଦ୍ରଭୂତିଙ୍କ ଉପାସ୍ୟ ଦେବତା କୁରୁକୁଲ୍ଲଙ୍କୁ ଉଡ୍ଡିୟାନ ତନ୍ତ୍ରର ନିର୍ମାତା ବୋଲି କୁହାଯାଉଛି। ଏହି ମୂର୍ତ୍ତି ଭାରତର ଅନ୍ୟ କୌଣସି ସ୍ଥାନରେ ଏପର୍ଯ୍ୟନ୍ତ ମିଳି ନ ଥିବାରୁ ଓଡ଼ିଶା ହିଁ ତନ୍ତ୍ରସାଧନାର ଆଦିପୀଠ ବୋଲି କୁହାଯାଏ। ଇନ୍ଦ୍ରଭୂତିଙ୍କ **'ଜ୍ଞାନସିଦ୍ଧି'** ଗ୍ରନ୍ଥ ବୌଦ୍ଧ ସାହିତ୍ୟର ଏକ ଅମୂଲ୍ୟ କୃତି। ଏହି ଗ୍ରନ୍ଥର ଆରମ୍ଭରେ କବି ଇନ୍ଦ୍ରଭୂତି ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ପ୍ରଣାମ କରି ଉଲ୍ଲେଖ କରିଅଛନ୍ତି –

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନବରାର୍ଚିତମ୍
ସର୍ବବୁଦ୍ଧୟେଂ ସିଦ୍ଧିବ୍ୟାପିନଂ ଗଗନୋପମମ୍
ସର୍ବଦଂ ସର୍ବସତ୍ତ୍ୱେଭ୍ୟଃ ସର୍ବଜ୍ଞଂ ବରବଦ୍ରିଣମ୍।
ଭକ୍ତ୍ୟା ହ୍ୱଂ ସର୍ବଭାବେନ ବକ୍ଷ୍ୟେ ତତ୍ସାଧନଂ ପରମ୍॥

**ଅର୍ଥ –** ଜଗନ୍ନାଥ ଜିନଶ୍ରେଷ୍ଠଦ୍ୱାରା ପୂଜିତ, ସର୍ବବୁଦ୍ଧରୂପୀ, ସିଦ୍ଧିବ୍ୟାପୀ ଓ ଆକାଶ ତୁଲ୍ୟ ଅଟନ୍ତି। ସେ ସମସ୍ତ ପ୍ରାଣୀକୁ ସବୁ ଦାନ କରନ୍ତି। ସେ ସର୍ବଜ୍ଞ ଓ ବଜ୍ରଯାନୀଙ୍କ ମଧ୍ୟରେ ଶ୍ରେଷ୍ଠ। ମୁଁ ଭକ୍ତିରେ ସେହି ଜଗନ୍ନାଥଙ୍କୁ ପ୍ରଣାମ କରି ତାହାଙ୍କ ସାଧନାର ଉପାୟ କହୁଛି।

କବି ଏହି ଶ୍ଳୋକରେ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ଗ୍ରହଣ କରିଛନ୍ତି। ଇନ୍ଦ୍ରଭୂତିଙ୍କ ଗୁରୁ ତଥା **'ପ୍ରଜ୍ଞୋପାୟବିନିଶ୍ଚୟସିଦ୍ଧି'** ଗ୍ରନ୍ଥର ରଚୟିତା **ଅନଙ୍ଗବଜ୍ର** ମଧ୍ୟ ଜଗନ୍ନାଥ ଉପାସନା ସମ୍ବନ୍ଧରେ ଏହି ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି –

ସଦା ପରହିତସ୍ୟୈବ ଚର୍ଯ୍ୟାୟାଢକମ୍ପ୍ୟାଚେତସା
ପର୍ଯ୍ୟୁପାସ୍ୟୋ ଜଗନ୍ନାଥୋ ଗୁରୁଃ ସର୍ବାର୍ଥସିଦ୍ଧିଦଃ॥ (୨-୨୬)

ଅର୍ଥାତ- ବିନା ପ୍ରକମ୍ପିତ ଚିନ୍ତା ବା ଅବିଚଳିତ ମନରେ ଯିଏ ସବୁବେଳେ ଅନ୍ୟର ହିତ ସାଧନ କରିବାରେ ମଗ୍ନ, ସେହି ସର୍ବାର୍ଥସିଦ୍ଧିଦାତା ଗୁରୁ ଜଗନ୍ନାଥଙ୍କୁ ମୁଁ ପ୍ରାର୍ଥନା କରୁଛି।

ଇନ୍ଦ୍ରଭୂତିଙ୍କ ଭଉଣୀ ଭଗବତୀ **ଲକ୍ଷ୍ମୀଙ୍କରା** ସୋନପୁର ରାଜକୁମାରଙ୍କୁ ବିବାହ କରିଥିଲେ ତଥା ଇନ୍ଦ୍ରଭୂତିଙ୍କ ପାଳିତପୁତ୍ର **ପଦ୍ମସମ୍ଭବ** କେନ୍ଦୁଝରର ରାଜକୁମାର ଶାନ୍ତରକ୍ଷିତଙ୍କ ଭଉଣୀ ମନ୍ଦାରବାଙ୍କୁ ବିବାହ କରିଥିଲେ। ଏହି ସମୟରେ ଓଡ଼ିଶା ସନାତନ ଧର୍ମ ଓ ବୌଦ୍ଧଧର୍ମ – ଏହି ଉଭୟ ଧର୍ମର ତନ୍ତ୍ରସାଧନାପୀଠ ଭାବେ ଖ୍ୟାତ ଥିଲା।

ବୌଦ୍ଧତନ୍ତ୍ରଯାନ ଭାବେ ପରିଚିତ ବଜ୍ରଯାନ ଇନ୍ଦ୍ରଭୂତିଙ୍କଦ୍ୱାରା ଆସାମ, ନେପାଳ, ତିବ୍‌ବତ, ଚୀନ୍ ପ୍ରଭୃତି ଦେଶରେ ଲୋକପ୍ରିୟ ହେଲା। ଇନ୍ଦ୍ରଭୂତି ନିଜ ଭଉଣୀ ଲକ୍ଷ୍ମୀଙ୍କରାଙ୍କୁ ଏହି ଧର୍ମରେ ଦୀକ୍ଷିତ କରିଥିଲେ। ଜଣେ ନାରୀ ହୋଇ ମଧ୍ୟ ଭଗବତୀ **ଲକ୍ଷ୍ମୀଙ୍କରା** ବଜ୍ରଯାନରେ ସିଦ୍ଧିଲାଭ କରିସାରିବା ପରେ **'ସହଜଯାନ' ନାମକ ନୂତନ ଧର୍ମତତ୍ତ୍ୱ ପ୍ରଚାର କରିଥିଲେ।** ତାଙ୍କ ରଚିତ **'ଅଦ୍ୱୟସିଦ୍ଧି'** ଗ୍ରନ୍ଥରେ ଏହି ସହଜଯାନ ଧର୍ମତତ୍ତ୍ୱ ନିହିତ ରହିଛି। ତାଙ୍କ ମତରେ–

ନ କଷ୍ଟକଳ୍ପନାଂ କୁର୍ଯ୍ୟାତ୍ ମୋପବାସୋ ନ ଚ କ୍ରିୟାମ୍ ।
ସ୍ନାନଂ ଶୌଚଂ ନ ଚୈବାତ୍ର ଗ୍ରାମଧର୍ମ ବିବର୍ଜନମ୍ ॥
ନ ଚାପି ବନ୍ଦୟେଦ୍‌ଦେବାନ୍ କାଷ୍ଠପାଷାଣ ମୃଣ୍ମୟାନ୍ ।
ପୂଜାମସୈବ କାୟସ୍ୟ କୁର୍ଯ୍ୟାନ୍ନିତ୍ୟଂ ସମାହିତଃ। (ଅଦ୍ୱୟସିଦ୍ଧି)

ଅର୍ଥାତ୍ 'ଜପତପପୂଜାଧ୍ୟାନ ପ୍ରଭୃତିର ଆବଶ୍ୟକ ନାହିଁ। ସ୍ନାନ, ଶୌଚ ପ୍ରଭୃତି କୌଣସି ବିଧିବ୍ୟବସ୍ଥା ଅବଲମ୍ବନ କରିବାର ପ୍ରୟୋଜନ ନାହିଁ। କାଷ୍ଠ ବା ପଥରର ଗଢ଼ା ଠାକୁର ବା ମୂର୍ତ୍ତି ପୂଜା ବନ୍ଦନା କରିବ ନାହିଁ। ଏହି ପିଣ୍ଡ ହିଁ ବ୍ରହ୍ମାଣ୍ଡ, ସେଠାରେ ସବୁ ଦେବଦେବୀ ରହିଛନ୍ତି। ତେଣୁ ତାକୁ ମନପ୍ରାଣ ଦେଇ ନିଜ ଦେହରେ ଦେବତାର ଉପାସନା କର।'

ପଦ୍ମସମ୍ଭବଙ୍କ ଶଳା ତଥା ଶିଷ୍ୟ ଶାନ୍ତିରକ୍ଷିତ ତିବ୍‌ବତ ଯାତ୍ରା କରିଥିଲେ। **ଶାନ୍ତିରକ୍ଷିତ** ଥିଲେ ପ୍ରସିଦ୍ଧ ନୈୟାୟିକ। ସେ ନାଳନ୍ଦାର ପ୍ରଧାନ ପୁରୋଧା ଓ ଶିକ୍ଷକ ଥିଲେ ତଥା ସ୍ୱତନ୍ତ୍ର ମାଧ୍ୟମିକ ଧର୍ମ ପ୍ରଚାରକ ଥିଲେ। ସେ 'ତତ୍ତ୍ୱ ସଂଗ୍ରହ', 'ବାଦନ୍ୟାୟ ବୃତ୍ତିବିପଞ୍ଚିତାର୍ଥ', 'ମାଧ୍ୟମିକାଳଙ୍କାର କାରିକା' ଗ୍ରନ୍ଥ ରଚନା କରିଥିଲେ, ଯାହା ତିବ୍‌ବତୀୟ ଭାଷାରେ ଅନୂଦିତ ହୋଇଛି।

ଏହି ସମୟରେ ବଜ୍ରଯାନ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଯେଉଁ ସିଦ୍ଧସାଧକ ଓ ଆଚାର୍ଯ୍ୟଗଣ କାର୍ଯ୍ୟ କରୁଥିଲେ, ସେମାନଙ୍କଦ୍ୱାରା ବିଭିନ୍ନ ସମୟରେ ରଚିତ କବିତାଗୁଡ଼ିକୁ ଚର୍ଯ୍ୟାଗୀତିକା କୁହାଯାଏ। ଯଦିଓ ପରବର୍ତ୍ତୀ କାଳରେ ବଜ୍ରଯାନ ଓ ସହଜଯାନ ଭିନ୍ନ ରୂପରେ ଓଡ଼ିଆ ଜନମାନସକୁ ପ୍ରଭାବିତ କରିଥିଲା; ତେବେ ବୈଷ୍ଣବ, ଶାକ୍ତ, ଶୈବଧର୍ମର ବ୍ୟାପକ ପ୍ରଭାବ, ରାଜପୃଷ୍ଠପୋଷକତା ଏହି ଧର୍ମମତକୁ ସମ୍ପୂର୍ଣ୍ଣରୂପେ ଘୋଡ଼େଇ ପକାଇଛି। ବୋଧହୁଏ ସେଇଥିପାଇଁ ଓଡ଼ିଶାରୁ ସମଗ୍ର ବିଶ୍ୱକୁ ବ୍ୟାପି ଯାଇଥିବା ବୌଦ୍ଧଧର୍ମ ମୂଳଭୂଖଣ୍ଡରୁ ଅବଲୁପ୍ତ ହୋଇଗଲା।

## ୧.୩.୨ ବୌଦ୍ଧ ଆର୍ଚ୍ଚର୍ଯ୍ୟ ଓ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ

ଦୀର୍ଘ ୧ ହଜାର ବର୍ଷ ଧରି ବିଭିନ୍ନ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଉତ୍ଥାନ ପତନ ଭିତରେ ଏହିସବୁ କୃତି ଆମ ଜନମାନସରୁ ଲିଭିଯାଇଥିବାବେଳେ ୧୯୦୭ ମସିହାରେ ନେପାଳ ରାଜଦରବାରରୁ ହରପ୍ରସାଦ ଶାସ୍ତ୍ରୀ **'ପୋଥି'** ପାଇବା ପରେ ଏହାକୁ ବଙ୍ଗୀୟ ସାହିତ୍ୟ ଆନୁକୂଲ୍ୟରେ **'ବୌଦ୍ଧଗାନ ଓ ଦୋହା'** ନାମ ଦେଇ ୧୯୧୬ ମସିହାରେ ପ୍ରକାଶ କଲେ। ଏଥିରେ ୫୦ଟି ସଙ୍ଗୀତମୟ କବିତା ରହିଛି। ଆବିଷ୍କାରକର୍ତ୍ତା ସ୍ୱୟଂ ବଙ୍ଗାଳୀ ହୋଇଥିବାରୁ ଏହାକୁ ହଜାର ବର୍ଷ ତଳର ବଙ୍ଗ ଭାଷାରେ ରଚିତ ସାହିତ୍ୟ ବୋଲି କହିଛନ୍ତି। ଏହି ଗ୍ରନ୍ଥର ସଂସ୍କୃତଟୀକା ମଧ୍ୟ ରହିଛି। ଯେଉଁଥିରେ ଉଲ୍ଲେଖ ଅଛି–

**'ଶ୍ରୀଲୂୟିଚରଣାଦିସିଦ୍ଧରଚିତେଽପ୍ୟାଶ୍ଚର୍ଯ୍ୟଚର୍ଯ୍ୟାଚୟେ।**
**ସଦ୍‌ବର୍ତ୍ମାବଗମାୟନିର୍ମଳଗୀରାଂ ଟୀକାଂ ବିଧାସ୍ୟେ ସ୍ଫୁଟଂ।'**

ଅର୍ଥାତ୍ 'ସାଧୁମାର୍ଗର ବୋଧଲାଗି ବା ସାଧୁବାଣୀକୁ ସହଜରେ ବୁଝିବାପାଇଁ ମୁଁ ଶ୍ରୀ ଲୁୟିପାଦ ପ୍ରଭୃତି ସିଦ୍ଧଙ୍କ ରଚିତ ଆଶ୍ଚର୍ଯ୍ୟଚର୍ଯ୍ୟାଚୟକୁ ସ୍ଫୁଟ ବା ସ୍ୱଷ୍ଟ ଭାବରେ ନିର୍ମଳ ବାକ୍ୟରେ ଟୀକା କରୁଅଛି।

'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ'ରେ ସଂକଳିତ କବିତାଗୁଡ଼ିକର ଦୁଇଟି ଅର୍ଥ ରହିଛି ଗୋଟିଏ ଲୌକିକ ଓ ଅନ୍ୟଟି ପାରମାର୍ଥିକ ଅର୍ଥ। ତେଣୁ ଏହାର ସଂସ୍କୃତଟୀକାରେ ଏହି ଭାଷାକୁ ସାନ୍ଧ୍ୟଭାଷା ବା ପ୍ରକୃତ ପାରମାର୍ଥିକ ଅର୍ଥକୁ ଚିନ୍ତାକରି ଠିକ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। **'ଆଶ୍ଚର୍ଯ୍ୟଚର୍ଯ୍ୟାଚୟ'** ଗ୍ରନ୍ଥଟିରେ ୨୩ ଜଣ ବଜ୍ରଯାନ ଓ ସହଜଯାନ ସିଦ୍ଧାର୍ଚ୍ଚର୍ଯ୍ୟଙ୍କ ୪୬ଟି କବିତା ରହିଛି। ଏମାନଙ୍କ ନାମ ଶେଷରେ 'ପା' ଶବ୍ଦ ବ୍ୟବହୃତ ହୋଇଛି। 'ପା'ର ମାନ୍ୟାର୍ଥକ 'ପାଦ' ଶବ୍ଦର ଅପଭ୍ରଂଶରୁ ଆନୀତ। ଏହି ୨୩ ଜଣ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଓଡ଼ିଶାରେ ଜନ୍ମିତ ଚାରଣ କବି।

## ୧.୩.୩ ପ୍ରମୁଖ ଚର୍ଯ୍ୟାକବି ଓ କବିତା

### ଶବରୀପାଦ

ଆଦିସିଦ୍ଧ ସରହଙ୍କ ତିନି ପ୍ରଧାନ ଶିଷ୍ୟ ବୁଦ୍ଧଜ୍ଞାନ, ନାଗାର୍ଜ୍ଜୁନ ଓ ଶବରପାଦ। ଶବର ବା ସବରୀପାଦ ନିଜ ଗୁରୁ ସରହ ନାମରେ ମଧ୍ୟ ପରିଚିତ ଥିଲେ। ତେଣୁ ତାରାନାଥ ଏହାକୁ ସାନ ସରହପାଦ ଆଖ୍ୟା ଦେଇଛନ୍ତି। ଏହାଙ୍କ ଜନ୍ମସ୍ଥାନ ଓଡ଼ିଶା ବୋଲି ବର୍ଣ୍ଣନା କରିଛନ୍ତି। ଏହାଙ୍କଦ୍ୱାରା ରଚିତ ଏକାଧିକ ସଂସ୍କୃତ ଗ୍ରନ୍ଥ ରହିଛି। ସେଥିରୁ **'ବଜ୍ରଯୋଗିନୀ ସାଧନ'** ଅନ୍ୟତମ। ଇନ୍ଦ୍ରଭୂତି ଓ ଲକ୍ଷ୍ମୀଙ୍କରା ଏହି ସାଧନାର ପ୍ରଚାରକ ଥିବାରୁ ଶବରୀପା ଏମାନଙ୍କ ସାଥୀ ଥିଲେ ବୋଲି ଏହି ପୁସ୍ତକ ରଚନାରୁ ଜଣାଯାଏ।

'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ'ର ୨୮ ଓ ୫୦ ବୋଲି ନାମକ ଦୁଇଟି କବିତା ଏହାଙ୍କ ନାମରେ ରହିଛି ତଥା ଏହି ଦୁଇ କବିତାରେ ବର୍ତ୍ତମାନ ପ୍ରଚଳିତ ଓଡ଼ିଆ ଶବ୍ଦ ଅବିକଳ ଭାବରେ ସ୍ଥାନ ପାଇଥିବାରୁ ଏହାଙ୍କୁ ଓଡ଼ିଆ କବି କହିବାରେ ଭୁଲ୍ ହେବ ନାହିଁ।

## ପାଠ୍ୟ - (କ) ଉଁଚାଉଁଚା ପାବତ ତହିଁ ବସଇ ସବରୀ ବାଳୀ...

**ରାଗ-ବଳାଡ୍‌ଡ଼ି (ବରାଡ଼ି)**

| ଚର୍ଯ୍ୟା | ଓଡ଼ିଆ |
|---|---|
| ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଳୀ | ଉଞ୍ଚା ଉଞ୍ଚା ପର୍ବତ ତହିଁ ବସଇ ଶବରୀ ବାଳୀ । |
| ମୋରଙ୍ଗୀ ପିଚ୍ଛ ପରିହଣ ସବରୀ ଗୀବତ | ମୟୂର ପିଚ୍ଛ ପରିହଣ ଶବରୀ ଗ୍ରୀବାରେ |
| ଗୁଞ୍ଜରୀ ମାଳୀ | ଗୁଞ୍ଜରୀ ମାଳୀ |
| ଉମତ ସବରୋପାଗଳ ଶବରୋ ମ କର | ଉନ୍ମତ୍ତ ଶବର ପାଗଳ ଶବର ନ କର |
| ଗୁଳୀ ଗୁହଡ଼ି | ଗୁଳି ଗୁହାରି |
| ତୋହୋରିଣଅ ଘରଣୀ ନାମେ ସହଜ ସୁନ୍ଦରୀ | ନିଜ ଘରଣୀ ନାମେ ସହଜ ସୁନ୍ଦରୀ । |
| ନାନା ତରୁବର ମୋଉଳିଲ ରେ ଗଅଣତ | ନାନା ତରୁବର ମୋଉଳିରେ ଗଗନତ |
| ଲାଗେଲି ଡାଳୀ | ଲାଗିଲ ଡାଳୀ |
| ଏକେଲୀ ସବରୀ ଏବଣ ହିଣ୍ଡର | ଏକଲି ଶବରୀ ଏବଣ ହିଣ୍ଡଇ |
| କର୍ଣ୍ଣ କୁଣ୍ଡଳ ବଜ୍ରଧାରୀ | କର୍ଣ୍ଣେ କୁଣ୍ଡଳ ବଜ୍ରଧାରୀ । |
| ତିଅ ଧାତୁ ଖାଟ ପାଡ଼ିଲା ସବରୋ | ତିନି ଧାତୁ ଖଟ ପାଡ଼ିଲା ଶବର |
| ମହାସୁଖେ ସେଜି ଛାଇଲୀ | ମହାସୁଖେ ସେଜ ଛାଇଲା । |
| ସବରୋ ଭୁଜଙ୍ଗ ନୈରାମଣୀ ଦାରୀ ସ୍ନେହ | ଶବର ଭୁଜଙ୍ଗ ନୈରାତ୍ମା ଦାରୀ |
| ରାତି ପୋହାଇଲୀ | ପ୍ରେମରାତି ପୁହାଇଲା । |
| ହିଅ ତାମ୍ବୋଲା ମହାସୁଖେ କାପୁର ଖାଇ | ହିଆ ତାମ୍ବୁଳ ମହାସୁଖେ କପୁର ଖାଇ । |
| ସୁନ ନେରାମଣ କଣ୍ଠେ ଲାଇଆ ମହାସୁଖେ | ଶୂନ୍ୟ ନୈରାତ୍ମା କଣ୍ଠେ ଲଇ ମହାସୁଖେ |
| ରାତି ପୋହାଇ | ରାତି ପୁହାଇ । |

| | |
|---|---|
| ଗୁରୁବାକ୍ ପୁଛିଆଁ ବିନ୍ଧ ନିଅମଣ ବାଣେ । | ଗୁରୁବାକ ପୁଚ୍ଛି ବିନ୍ଧ ନିଜମନ ବାଣେ । |
| ଏକେ ଶରି ସନ୍ଧାନେଁ ବିନ୍ଧହ ବିନ୍ଧହ ପରମଣି ବାଣେ । | ଏକ ସର ସନ୍ଧାନେ ବିନ୍ଧହ ବିନ୍ଧହ ପରମନିର୍ବାଣେ । |
| ଉମତ ସବରୋ ଗରୁଆ ରୋଷେ | ଉନ୍ନତ ଶବର ଗରୁଆ ରୋଷେ |
| ଗିରିବର ସିହର-ସନ୍ଧି ପଇସନ୍ତେ ସବରୋ | ଗିରିବର ଶିଖର-ସନ୍ଧି ପଶନ୍ତେ ଶବର |
| ଲୋଡ଼ିବ କଇସେ । | ଲୋଡ଼ିବ କି ସେ । |

**ଅର୍ଥ–** କବି ଶବର ଶବରୀ ରୂପକ ଛଳରେ ଆଜ୍ଞାଚକ୍ରରେ ନୈରାତ୍ମ୍ୟର ମିଳନ ଦର୍ଶନ ବର୍ଣ୍ଣନା କରୁଛନ୍ତି । ଉଚ୍ଚ ପାହାଡ଼ ଶିଖରରେ ଶବରୀ ବାସକଲା ପରି ଦେହର ଶିଖରରେ ମହାସୁଖଚକ୍ର ସହସ୍ରଦଳ କମଳରେ ନୈରାତ୍ମା ଦେବୀ ବାସ କରିଛନ୍ତି । ଶବରୀ ମୟୂର ପିଞ୍ଛ ପହରଣ କରି ଗ୍ରୀବାରେ ଗୁଞ୍ଜର ମାଳା ପିନ୍ଧିଲା ପରି, ଏହି ନୈରାତ୍ମା ଅବିଦ୍ୟାବଶରୁ ନାନାବିଧଭାବ ବିକଳ୍ପରେ ଭୂଷିତ ହୋଇ ଗଳାରେ (ସମ୍ଭୋଗ ଚକ୍ରରେ) ଗୁହ୍ୟମନ୍ତ୍ର ଧାରଣ କରିଅଛି । ସମସ୍ତ ପଦାର୍ଥ ଧର୍ମକାୟ ବା ତଥତାରୁ ଉତ୍ପନ୍ନ । ତେଣୁ ପ୍ରତ୍ୟେକ ପଦାର୍ଥ ବିଶୁଦ୍ଧ, ପବିତ୍ର । କିନ୍ତୁ ଲୋକ ଅବିଦ୍ୟା ଯୋଗୁଁ ବିଷୟବାସନାରେ ଜଡ଼ିରହିଥାଏ ଏବଂ ତାହାର ନୈରାତ୍ମା ମଧ୍ୟ ସଂସାରରେ ଭିନ୍ନ ଭିନ୍ନ ରୂପ ଧାରଣ କରି ନିଜକୁ ଗୋପନ କରିଥାଏ । ସାଧନା ପଥରେ ଅଗ୍ରସର ହେଲେ ଏହି ନୈରାତ୍ମା ଦେବୀ ନିଜେ ସାଧକଙ୍କୁ ମହାଶୂନ୍ୟ ସ୍ଥଳୀକୁ ସଙ୍ଗରେ ଘେନିଯାନ୍ତି । ଏହି କବିତାରେ ନୈରାତ୍ମା ଶବରୀ ସାଧକକୁ ଆଶ୍ୱାସନା ଦେଇ କହୁଛନ୍ତି; ରେ ଶବର (ଜୀବ), ତୁ ସଂସାରର ଏହି ବିଷୟବାସନାରେ ମଜ୍ଜି ପାଗଳ ହୋଇ ନିଜର ସର୍ବନାଶ କର ନାହିଁ । ଏକଥା ମୁଁ ତୋତେ ଗୁହାରି କରି କହୁଅଛି । ''ମୁଁ ତୋର ନିଜର ଘରଣୀ, ମୋ ନାମ ସହଜ-ସୁନ୍ଦରୀ, ମୋତେ ଚିହ୍ନିବାକୁ ଭୁଲ କର ନାହିଁ । ମୋତେ ନ ଚିହ୍ନି ଗୁଳି କରି ସଂସାରରେ ଜଡ଼ି ରହି ହତ୍ୟା କର ନାହିଁ ।''

ତହୁଁ ସାଧକର ଜ୍ଞାନ ଉଦୟ ହେଲା । ସେ ସାଧନାରେ ଅଗ୍ରସର ହେଲାକ୍ଷଣି ଦେହ ତରୁ ମଉଳି ପଡ଼ିଲା, ଅର୍ଥାତ୍ ସେ ଦେହର ଅସାରତା ଉପଲବ୍ଧି ହେଲା । ଡାଳସବୁ ଆକାଶକୁ ଲାଗିଗଲା । ଅର୍ଥାତ୍ ସମସ୍ତ ମହାଶୂନ୍ୟରେ ପରିଣତ ହେଲା । ସେ କେବଳ ନୈରାତ୍ମାର ଉପଲବ୍ଧି କଲା । ଶବରୀ କର୍ଣ୍ଣରେ କୁଣ୍ଡଳ ଧାରଣ କରି ଏକାକୀ ବନରେ ବୁଲିଲାପରି ନୈରାତ୍ମ୍ୟ ଜ୍ଞାନଧାରଣ କରି ଏକାକୀ ଏହି ଉଚ୍ଚ ପାହାଡ଼ରେ ବୁଲିଲେ, ଅର୍ଥାତ୍– ଉଚ୍ଚ ସୁମେରୁ ଶିଖରରେ ନୈରାତ୍ମ୍ୟ କେବଳ ପ୍ରକାଶ ପାଇଲା । ସମସ୍ତ ଶୂନ୍ୟରେ ପୂର୍ଣ୍ଣହେଲା । ପିଣ୍ଡ ବ୍ରହ୍ମାଣ୍ଡ ଏହି ଶୂନ୍ୟରେ ଉଭେଇ ଗଲା ।

ଶବର (ଜୀବ) କାୟମନବଚନକୁ ଖଟକରି ପାଡ଼ିଲା । ସେହି ଖଟ ଉପରେ ମହାସୁଖରେ ଶେଯ ବିଛାଇଲା । ବିଟପୁରୁଷ ଖଟ ଉପରେ ଶେଯରେ ଶୋଇ ଦାରିପ୍ରେମରେ ରାତି ପୁହାଇଲା ପରି ଶବର (ସାଧକଜୀବ) ମହାସୁଖ ଶେଯରେ ଶୋଇ ନୈରାତ୍ମା ସହିତ ମିଳିତ ହୋଇ ଅବିଦ୍ୟା ରଜନୀ ପୁହାଇ ଦେଲା ।

ଚିଆଁ ଚୈତନକୁ ସ୍ତ୍ରୀ-ସମ୍ଭୋଗ ପରି ପାନରେ କର୍ପୂର ଖାଇଲା ପରି ମନଚୈତନକୁ ଖାଇ ଲୋପ କରି ମହାସୁଖ ଭୋଗକଲା । ସେ ପୂର୍ଣ୍ଣନିର୍ବିକଳ୍ପ ଅବସ୍ଥାରେ ପରମ ଆନନ୍ଦ ଭୋଗକଲା । ସେତେବେଳେ ଆଉ ଜ୍ଞାତା, ଜ୍ଞାନ ଓ ଜ୍ଞେୟ କିଛି ରହିଲା ନାହିଁ । ଏହି ଅବସ୍ଥାରେ ପହଞ୍ଚିବାକୁ ହେଲେ ଗୁରୁଙ୍କ ବାକ୍ୟକୁ ଧନୁକରି ନିଜ ମନକୁ ବାଣ କର । ଅର୍ଥାତ୍ ଗୁରୁଙ୍କ ଉପଦେଶ ଅନୁସାରେ ନିଜ ମନ ଚାଳିତ କର । ଗୁରୁଙ୍କ ବାକ୍ୟ ଅନୁସାରେ ମନ ସ୍ଥିରକରି ସେଠାକୁ ନେଲେ ଗୋଟିଏ ମାତ୍ର ଶର ବିନ୍ଧିଲେ ପରମନିର୍ବାଣକୁ ବିନ୍ଧି ପାରିବ । ଲକ୍ଷ ପରମ ନିର୍ବାଣ ଲାଭ ହେବ । ସଂସାରର ମାୟା-ଜଞ୍ଜାଳ ଦୂରହେବ । ଶବର (ସାଧକ) ଜ୍ଞାନାନନ୍ଦର ଆସ୍ୱାଦ ପାଇ ଗୁରୁରୋଷରେ ଅତି ଆବେଗରେ ସୁମେରୁ ଶିଖର ସନ୍ଧିରେ (ସୁଷୁମ୍ନା ଶେଷରେ) ବ୍ରହ୍ମରନ୍ଧ୍ରରେ ପ୍ରବେଶ କଲାକ୍ଷଣି ମହାଶୂନ୍ୟର ଉପଲବ୍ଧି କଲା । ଆଉ କାହାରିକୁ ଖୋଜିବାର ଲୋଡ଼ା ପଡ଼ିଲା ନାହିଁ । ସେ କେବଳ ନିର୍ବିକଳ୍ପ ସମାଧିରେ ମହାଭାବ ଅବସ୍ଥାରେ ଅମନ ଭାବରେ ମଜ୍ଜି ରହିଲା ।

**ଲୁଇପାଦ**

ତିବ୍‌ବତ କିମ୍ବଦନ୍ତୀ ଅନୁସାରେ ଆଦିସିଦ୍ଧ ଭାବେ ପରିଚିତ ଲୁଇପା ଓଡ଼ିଶାର କେଉଟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶାର ପଶ୍ଚିମ ଭାଗରେ ଥିବା ରାଜ୍ୟର ରାଜା ସାମନ୍ତଶୁଭଙ୍କ ଲେଖକ ଲୁଇପାଦ ମହାସିଦ୍ଧ ଶବରୀପାଦଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ପରେ ନିର୍ଜନ ଗଙ୍ଗାନଦୀ କୂଳରେ ତପସ୍ୟା କରି ମହାମୁଦ୍ରାସିଦ୍ଧି ଲାଭ କଲେ । ପରେ ସେ ଏହି ରାଜା ଓ ମନ୍ତ୍ରୀଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରାଇ ରାଜାଙ୍କୁ 'ଦାରିକ' ଓ ମନ୍ତ୍ରୀଙ୍କୁ 'ଡିଙ୍କି' ନାମକରଣ କରିଥିଲେ ।

ଲୁଇପାଦ ୪ଟି ବଜ୍ରଯାନ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚନା କରିଥିଲେ । ସେଥିରୁ **'ଅଭିସମବିଭଙ୍ଗ'** ଅନ୍ୟତମ । ଏହାବ୍ୟତୀତ 'ଲୁହିପାଦ ଗୀତିକା' ନାମକ ଏକ ଦୋହାଗ୍ରନ୍ଥ ମଧ୍ୟ ରଚନା କରିଥିଲେ । ଲୁଇପାଦଙ୍କ ଦୁଇଟି ଦୋହା 'ଆଶ୍ଚର୍ଯ୍ୟଚର୍ଯ୍ୟାଚୟ'ର ୧ ଓ ୨୯ କ୍ରମାଙ୍କରେ ରହିଛି ।

ଲୁଇର ତିବ୍‌ବତୀୟ ଅର୍ଥ ମତ୍ସ୍ୟୋଦର/ ମତ୍ସ୍ୟୋନ୍ମାଦ ବା ମୀନନାଥ ଥିବାରୁ କେହିକେହି ଲୁଇପା ଓ ମୀନନାଥ ଏକ ବ୍ୟକ୍ତି ବୋଲି କହିଥାନ୍ତି । ଏହି ନାମକୁ ନେଇ ବଙ୍ଗୀୟମାନେ ଲୁଇପାଙ୍କୁ ବଙ୍ଗୀୟ କବି ବୋଲି କହିଥାନ୍ତି । ମାତ୍ର ଏହା ଭ୍ରମାତ୍ମକ । ପ୍ରକୃତରେ ଲୁଇପା ଶବ୍ଦ ତିବ୍‌ବତୀୟ ନୁହେଁ, ଖାଣ୍ଟି ଓଡ଼ିଆ । ଷୋଡ଼ଶ ଶତାବ୍ଦୀର କବି ଅଚ୍ୟୁତାନନ୍ଦ ଦାସ ଓ ଶିଶୁଅନନ୍ତ ଦାସଙ୍କ ଲେଖାରେ ଲୁଇପା ବିଷୟ ବର୍ଣ୍ଣିତ । **'ଶୂନ୍ୟସଂହିତା'**ରେ ଲୁଇଦାସଙ୍କ ମଠ ପ୍ରାଚୀନଦୀ କୂଳରେ ଅବସ୍ଥିତ ବୋଲି ବର୍ଣ୍ଣିତ । ଶିଶୁଅନନ୍ତ ମଧ୍ୟ ତାହାଙ୍କ ଗୁପ୍ତଗୀତାରେ ୮୪ ସିଦ୍ଧସାଧକ ମଧ୍ୟରେ ଲୁଇପା ଓ ମୀନନାଥ ଉଭୟ ନାମ ଉଲ୍ଲେଖ କରିଛନ୍ତି । ଏବେ ମଧ୍ୟ ମୟୂରଭଞ୍ଜ ଅଞ୍ଚଳରେ ଲୁଇପାଙ୍କ ପୂଜା ପ୍ରଚଳିତ ହେଉଛି । ତେଣୁ ଲୁଇପା ଖାଣ୍ଟି ଓଡ଼ିଆ କବି ।

## ପାଠ୍ୟ - (ଖ) କାଆ ତରୁବର ପଞ୍ଚ ବି ଡାଳ ...

### ରାଗ- ପଟମଞ୍ଜରୀ

କାଆ ତରୁବର ପଞ୍ଚ ବି ଡାଳ । ଚଞ୍ଚଳ ଚିଏ ପଇଠା କାଳ ।
ଓ–କାୟା ତରୁବର ପଞ୍ଚ ବି ଡାଳ । ଚଞ୍ଚଳ ଚିତ୍ତେ ପଇଠ କାଳ
ଦିଢ଼ କରିଅ ମହାସୁହ ପରିମାଣ । ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ ।
ଓ–ଦୃଢ଼ କରି ମହାସୁଖ ପରିମାଣ । ଲୁଇ ଭଣଇ ଗୁରୁ ପୁଚ୍ଛିଣ ଜାଣ ।
ସଅଳ ସମାହିଅ କାହିକରି ଅଇ । ସୁଖ ଦୁଃଖ ତେଁ ନିଚିତ ମରିଅଇ ।
ଓ–ସକଳ ସମାଧିତ କାହିଁ କରିବଇଁ । ସୁଖ ଦୁଃଖ ତେଁ ନିଶ୍ଚିତ ମରିବଇ ।
ଏଡ଼ି ଏଉ ଛାନ୍ଦକ ବାନ୍ଧି କରଣକ ପାଟେର ଆସ ।
ସୁନା ପାତ ଭିତି ଲେହୁରେ ପାଶ ।
ଓ–ଏଡ଼ି ଏହୁ ଛନ୍ଦକ ବାନ୍ଧି କରଣକ ପାଟର ଆଶ ।
ଶୂନ୍ୟ (ସୁନୁ) ପକ୍ଷ ଭିଡ଼ି ଲୋଭରେ ପାଶ ।
ଭଣଇ ଲୁଇ ଆମ୍ ହେ ଝାଣେ ଦିଠାଁ ।
ଧମଣ ଚମଣ ବେଣି ପିଣ୍ଡି ବଇଠା
ଓ–ଭଣଇ ଲୁଇ ଆମ୍ହେ ଧାନେ ଦେଖା । ଧମଣ ଚମଣ ବେନି ପିଣ୍ଡି ବଇଠା ।

> ଶ୍ରୀମତ୍ ସଦ୍‌ଗୁରୁବଙ୍କ୍ଏପଙ୍କଜରସାସ୍ୱାଦ ସ୍ଫୁରଦ୍ଧୃଦୟୋ
> ନତ୍ୱା ଶ୍ରୀକୁଲିଶେଶମଦ୍ୱୟଧିୟଂ ଶ୍ରଦ୍ଧାପ୍ରସନ୍ନାନନଃ ।
> ଶ୍ରୀଲୁୟୀଚରଣାସିଦ୍ଧରଚିତେଽପ୍ୟାଶ୍ଚର୍ଯ୍ୟ ଚର୍ଯ୍ୟାଚୟେ
> ସଦ୍ ବର୍ତ୍ମାବଗମାୟ ନିର୍ମଳଗିରାଂ ଟୀକାଂ ବିଧାସ୍ୟେ ସ୍ଫୁଟମ୍ ॥

ଅର୍ଥ– ଦେହକୁ ତରୁ ସହିତ ତୁଳନା କରାହୋଇଛି । ଗଛରେ ପାଞ୍ଚଟି ଡାଳ ଥାଏ; ଦେହରେ ମଧ୍ୟ ପଞ୍ଚ ଇନ୍ଦ୍ରିୟ ବା ପଞ୍ଚ ସ୍କନ୍ଧ ରହିଅଛି । ଏହି ଇନ୍ଦ୍ରିୟଙ୍କ ପ୍ରଭାବରୁ ଚିତ୍ତ ଚଞ୍ଚଳ ହୁଏ । ତେଣୁ ଦେହରେ କାଳ (ମୃତ୍ୟୁ) ଆସି ପଶଇ । ଚିତ୍ତର ଏହି ଚଞ୍ଚଳତା ଦୂର ହେଲେ, ଚିତ୍ତ ଦୃଢ଼, ସ୍ଥିର ହେଲେ ମହାସୁଖ ଲାଭ ହୁଏ । ଚିତ୍ତ ଦୃଢ଼କରିବାର ଉପାୟ ଗୁରୁଙ୍କୁ ପଚାରି ବୁଝିବାକୁ ହେବ ବୋଲି ଲୁଇପାଦ କହିଲେ । ସୁଖ-ଦୁଃଖ ମଣିଷକୁ ଘେରି ରହିଛି । ସଂସାରରେ ଏହି ସୁଖ-ଦୁଃଖ ଭୋଗକରି ମଣିଷ ମରେ । ସମାଧି ମଣିଷକୁ ଦୁଃଖରୁ ମୁକ୍ତ କରି ପାରେ ନାହିଁ । ତେଣୁ ସମାଧି ବା ଯୋଗର ଆବଶ୍ୟକତା ନାହିଁ ।

ବାସନାର ବନ୍ଧନ ଓ ଇନ୍ଦ୍ରଜାଲ ଜୟକରି ଶୂନ୍ୟତତ୍ତ୍ୱ ଉପଲବ୍ଧି କର। ସଂସାର ଅସାର। ଏହାର ପ୍ରକୃତରେ ଅସ୍ତିତ୍ୱ ନାହିଁ। ସଂସାରର ଏହି ଅସାରତା ହୃଦୟଙ୍ଗମ କଲେ ଅସାର ବସ୍ତୁର ଉପଭୋଗ ଲାଗି ପ୍ରବୃତ୍ତି ଜନ୍ମିବ ନାହିଁ। ତହୁଁ ବାସନାର ନିବୃତ୍ତି ହେବ। ବନ୍ଧନକୁ ଏଡ଼ି ପାଟସୂତାରେ ଜାଲ ବାନ୍ଧି ପକ୍ଷୀ ଧରି ପାଖକୁ ନେଲାପରି ବାସନାକୁ ଏଡ଼ି ଇନ୍ଦ୍ରିୟଙ୍କୁ ବାନ୍ଧି ଶୂନ୍ୟତାକୁ ଭିଡ଼ି ପାଖକୁ ନିଅ। ଲୁଇପାଦ ଚନ୍ଦ୍ରସୂର୍ଯ୍ୟ ନାମକ ଦୁଇଟି ପିଣ୍ଡି ଉପରେ ବସି ଧ୍ୟାନରେ ଏହି ଶୂନ୍ୟତତ୍ତ୍ୱ ଉପଲବ୍ଧି କରିଛନ୍ତି ବୋଲି କହୁଛନ୍ତି। ଅର୍ଥାତ୍ ଇଡ଼ାପିଙ୍ଗଳା ନାଡ଼ୀର ପବନ ରୋଧ କରି ସୁଷୁମ୍ନାରେ ଋଳିତ କରି ଶୂନ୍ୟତାର ଅନୁଭବ କରିଛନ୍ତି।

**ଓଡ଼ିଆ ସାହିତ୍ୟରେ ସମଭାବ ପଦ୍ୟ**

ଅନେକ କାଳେ ଯୋଗସିଦ୍ଧ ହୁଅଇ ଜ୍ଞାନ ପ୍ରକାଶଇ ଆସି।
କାୟାଗଲେ ଆତ୍ମା ବିଅର୍ଥ ହୁଅଇ ଯୋଗକାରଣକୁ ନାଶି ॥ (ଶୂ.ସ.ପୃ.୧୩୪)

ପଞ୍ଚଭୂତ ମଧ୍ୟେ ବ୍ୟାପି । ଖେଳନ୍ତି ପରମ ସ୍ୱରୂପୀ ॥
ବିନା ଉଜାଣି ମଳାଇ । କେ ଅଛି ସିଦ୍ଧ ଅଙ୍ଗହୋଇ ॥
ଉଲଟ ଉଜାଣି ଚଳିଲେ । ପୂରିତ ମାନସରୋବରେ ॥
ପରମ ଅଙ୍ଗେ ଜୀବମିଶେ । ଏ ଆତ୍ମା ନିର୍ମଳ ପ୍ରକାଶେ ॥
ନିଶ୍ଚେ ଭେଟିବ ଆଦିକନ୍ଦ । ନାହିଁ ଟଳିବ ନିଜ ବନ୍ଧ ॥
ସେ ପୂର୍ଣ୍ଣବ୍ରହ୍ମ ଶୂନ୍ୟବାସୀ । ଛାମୁରେ ଶରଣ ନିବେଶି ॥

× × ×

ଶୂନ୍ୟାଦି ଶୂନ୍ୟ ଅଛି ବ୍ୟାପି । ସିଦ୍ଧ ପୁରୁଷ ସେ ଅରୂପୀ ॥
ଗୁରୁ ସେବିଲେ ଏହା ଜାଣି । ଗୁରୁ ବଚନ ମୁକ୍ତି ମଣି ॥ (ବ୍ରହ୍ମଶାଙ୍କୁଳି ପୃ.୨୭)

କହିବା ଶୁଣ ଉଲଟ ବୃକ୍ଷର କଥା।
ଅଶ୍ୱତ୍ଥ ସ୍ଥାବର ପ୍ରାୟ ଅଟେ କେଶ ମଥା ॥
ତଳକୁ କର ପଲ୍ଲବ ରହିଥାଇ ଲମ୍ଭି।
ପାଉଥିଲେ ଶିଖେ ରସ ଏ ବୃକ୍ଷ ପଲ୍ଲବି ॥ (ନୃସିଂହ ପୁରାଣ ୭ମ ରତ୍ନାକର ପୃ.୧୧୭)

## କାହ୍ନୁପାଦ

ସିଦ୍ଧାଚାର୍ଯ୍ୟ କୃଷ୍ଣପାଦ, କୃଷ୍ଣାଚାର୍ଯ୍ୟ, କୃଷ୍ଣବଜ୍ର ନାମରେ ପରିଚିତ କାହ୍ନୁପାଦ ଓଡ଼ିଶାରେ ବ୍ରାହ୍ମଣ କୁଳରେ ଜନ୍ମ ନେଇଥିଲେ । ଜଳନ୍ଧରୀପାଦଙ୍କଠାରୁ ତାନ୍ତ୍ରିକ ବୌଦ୍ଧମତରେ ଦୀକ୍ଷିତ ହୋଇଥିଲେ । କାହ୍ନୁପାଦଙ୍କ ସର୍ବାଧିକ ୧୨ଟି (୭,୯, ୧୦, ୪୦, ୪୨, ୪୫, ୧୧, ୩୬, ୧୨, ୧୩, ୧୯, ୩୬)ଦୋହା ଉକ୍ତ ଗ୍ରନ୍ଥରେ ସ୍ଥାନ ପାଇବା ହିଁ ସୂଚାଇଥାଏ ତାଙ୍କର କବିପ୍ରତିଭାକୁ । ଏହାଙ୍କ ଶିଷ୍ୟ ଥିଲେ ତନ୍ତୀପା । ହରପ୍ରସାଦ ଶାସ୍ତ୍ରୀଙ୍କ ମତରେ କାହ୍ନୁପାଦ ହେଉଛନ୍ତି ୫୭ ଖଣ୍ଡ ଗ୍ରନ୍ଥ ରଚନା କରିଛନ୍ତି ।

## ପାଠ୍ୟ - (ଗ) ନଗର ବାହାରି ରେ ଡୋମ୍ବି ତୋହୋରି କୁଡ଼ିଆ ...

**ରାଗ- ଦେଶାଖ**

| ଚର୍ଯ୍ୟା ଓଡ଼ିଆ | ମାନକ ଓଡ଼ିଆ |
|---|---|
| ନଗର ବାହାରି ରେ ଡୋମ୍ବୀ ତୋହୋରି କୁଡ଼ିଆ । | ନଗର ବାହିରିରେ ଡୋମ୍ବି ତୋହାରି କୁଡ଼ିଆ । |
| ଛୋଇଁ ଛୋଇଁ ଜାଇସୋ ବ୍ରାହ୍ମଣ ନାଡ଼ିଆ | ଛୁଇଁ ଛୁଇଁ ଯାଇ ସେ ବ୍ରାହ୍ମଣ ନାଳିଆ । |
| ଆଲୋ ଡୋମ୍ବୀ ତୋଏ ସମ କରିବ ମ ସାଙ୍ଗ | ଆଲୋ ଡୋମି ତୋରେ ସମ କରିବି ମ ସାଙ୍ଗ । |
| ନିଘଣ କାହ୍ନା କାପାଳି ଜୋଇ ଲାଙ୍ଗ | ନିର୍ଘୃଣ କାହ୍ନୁ କାପାଳି (କ) ଯୋଗୀଲାଙ୍ଗ । |
| ଏକ ସେ ପଦମା ଚୌଷଟ୍ଟୀ ପାଖୁଡ଼ୀ । | ଏକ ସେ ପଦୁମା ଚୌଷଠି ପାଖୁଡ଼ୀ । |
| ତହିଁ ଚଢ଼ି ନାଚଅ ଡୋମ୍ବୀ ବାପୁଡ଼ୀ | ତହିଁ ଚଢ଼ି ନାଚଇ ଡୋମି ବାପୁଡୀ । |
| ହାଲୋ ଡୋମ୍ବୀ ତୋ ପୁଛାମି ସଦଭାବେ | ଆଲୋ ଡୋମି ତୋତେ ପୁଛଇଁ ସଦଭାବେ । |
| ଆଇସସି ଜାସି ଡୋମ୍ବୀ କାହାରି ନାବେଁ | ଆସସି ଯାଅସି ଡୋମି କାହାରି ନାବେଁ |
| ତାନ୍ତି ବିକଣଅ ଡୋମ୍ବୀ ଆବର ମୋ ଚାଙ୍ଗଡା | ତନ୍ତ ବିକ ଡୋମି ଆଦର ମୋ ଚାଙ୍ଗଡ଼ା । |
| ତୋହୋର ଅନ୍ତରେ ଛାଡ଼ି ନଡ଼ ପେଡ଼ା । | ତୋହୋର ଅନ୍ତରେ ଛାଡ଼ି ନଟପେଡ଼ା |
| ତୁଲୋ ଡୋମ୍ବୀ ହାଁଉ କପାଳୀ | ତୁଲୋ ଡୋମି ମୁଁ କପାଳୀ । |
| ଘେନିଲି ତୋହୋର ଅନ୍ତରେ ମୋଏ | ତୋହୋରେ ଅନ୍ତରେ ମୋଏ (ମୁଇଁ) |
| ହାଡେରି ମାଳୀ | ଘେନିଲି ହାଡେରି ମାଳ |
| ସରବର ଭଞ୍ଜିଅ ଡୋମ୍ବୀ ଖାଅ ମୋଲାଣ | ସରବର ଭଞ୍ଜି ଡୋମି ଖାଅ ମୃଣାଳ । |
| ମାରମି ଡୋମ୍ବୀ ଲେମି ପରାଣ | ମାରିମି ଡୋମି ଲେମି ପରାଣ । |

**ଅର୍ଥ–** କବି ପରିଶୁଦ୍ଧ ଅବଧୂତିକୁ (ସୁଷୁମ୍ନାକୁ) ଡମୋଣୀ ରୂପରେ ବର୍ଣ୍ଣନା କରୁଛନ୍ତି। ଡମୋଣୀ ଗାଁ ବାହାରେ କୁଡ଼ିଆ କରି ରହେ। ବର୍ତ୍ତମାନ କବି କହୁଛନ୍ତି– ଏହି ଅବଧୂତିକା ଡମୋଣୀ ବ୍ରାହ୍ମଣର ନାଳିଆ ଛୁଇଁଛୁଇଁ ଗଲାପରି ଅବଧୂତିକା ବ୍ରହ୍ମନାଡ଼ୀକୁ ଛୁଇଁଛୁଇଁ ଯାଏ। କିମ୍ବା ଅନ୍ୟାନ୍ୟ ଯୋଗୀମାନେ ଅବଧୂତିକାକୁ କେବଳ ଛୁଇଁଥାନ୍ତି। କିନ୍ତୁ ତହିଁର ଉପଭୋଗ କରି ପୂର୍ଣ୍ଣ ଆନନ୍ଦ ଲାଭ କରି ପାରନ୍ତିନାହିଁ। କବି ଏହି ଅବଧୂତିକା ଡୋମଣୀ ସହିତ ଅଭିସଙ୍ଗ (ମିଳନ) କରିବାର ଇଚ୍ଛା ପ୍ରକାଶକରି କହୁଛନ୍ତି– ମୁଁ ଲଜ୍ଜା, ଘୃଣା ଛାଡ଼ି ଲେଙ୍ଗୁଟି ନେଇଛି। ତେଣୁ ତୋ ସହିତ ମୋର ମିଳନ ହେବ। ସେ ଦୁହେଁ ମିଳି ଚଉଷଠି ଦଳର ପଦ୍ମ ପାଖୁଡ଼ା ଉପରେ ଚଢ଼ି ନାଚୁଛନ୍ତି। ସେ ପୁଣି ସଦ୍‌ଭାବରେ ଡମୋଣୀକୁ ପଚାରୁଛନ୍ତି, ତୁ କାହାର ନାଆରେ ଯା-ଆସ କରୁଅଛୁ ? କବି ଅବଧୂତିର ଯିବା ଆସିବାର ବାଟ ଦେଖି ପାରୁ ନାହାନ୍ତି।

ଡମୋଣୀ ତନ୍ତୀ ଚଙ୍ଗୁଡ଼ି ବିକିଲା ପରି ତୁ ଅବିଦ୍ୟା ଓ ବିଷୟ ବାସନା ବିକୁଅଛୁ। ମୁଁ ମଧ୍ୟ ତୋ ଲାଗି ସଂସାର ରୂପକ ନାଟ ପେଢ଼ି ତ୍ୟାଗ କଲି। ତୋ ଲାଗି ମୁଁ ହାଡ଼ମାଳ ଧରି କାପାଳିକ ହେଲି। ଅର୍ଥାତ୍ ସମସ୍ତ ବିକାର ଓ ସଂସାର ପ୍ରତି ଆସକ୍ତି ତ୍ୟାଗକଲି। ତେଣୁ ତୋର ଓ ମୋର ମିଳନ ହେଉ। ଯେଉଁମାନେ ଗୁରୁର ଉପଦେଶ ନେଇ ନାହାନ୍ତି ବା ଯେଉଁମାନେ ଏହି ପନ୍ଥାର ଲୋକ ନୁହନ୍ତି, ଅପରିଶୁଦ୍ଧ ଅବଧୂତିକା ସେମାନଙ୍କର କାୟା ପୋଖରୀ ଭାଙ୍ଗି ବୋଧିଚିତ୍ତ ରୂପକ ମୃଣାଳ(କଇଁ ନାଡ) ଭକ୍ଷଣ କରେ। ଅପରିଶୁଦ୍ଧ ଅବସ୍ଥାରେ ଅବଧୂତିକା ସମସ୍ତ ସଂସାର ଜଞ୍ଜାଳ ସୃଷ୍ଟି କରେ। ପରିଶୁଦ୍ଧ ଅବସ୍ଥାରେ ନିର୍ବାଣ ଦାନ କରେ। କବି ଅପରିଶୁଦ୍ଧ ଅବଧୂତିକାକୁ କହୁଛନ୍ତି– ତୁ ସବୁ ଜଞ୍ଜାଳର ମୂଳ। ତୋତେ ମାରି ତୋ ପରାଣ(ପ୍ରାଣ) ନେବି।

## ୧.୩.୪ ଭାଷା

ବୌଦ୍ଧ ଚର୍ଯାପଦ ଓ ଦୋହାର ଭାଷା ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଏହାକୁ ପ୍ରାଚୀନ ବଙ୍ଗଳା, ପ୍ରାଚୀନ ମୈଥିଳୀ, ଅନ୍ୟ କେହି ପ୍ରାଚୀନ ଓଡ଼ିଆ ଓ କେହି କେହି ପ୍ରାଚୀନ ଆସାମୀ ଭାଷାର ଦୃଷ୍ଟାନ୍ତରୂପେ ଗ୍ରହଣ କରିଛନ୍ତି। କିନ୍ତୁ ବୌଦ୍ଧଗାନ ଓ ଦୋହାଗୁଡ଼ିକରେ ବ୍ୟବହୃତ ଭାଷା ପ୍ରଧାନତଃ ଭରତଙ୍କ ନାଟ୍ୟଶାସ୍ତ୍ରରେ ଉଲ୍ଲିଖିତ ଉଡ୍ର ବିଭାଷା କିମ୍ବା ପାଶ୍ଚାତ୍ୟ ଭାଷାବିତ୍‌ଙ୍କଦ୍ୱାରା ନାମିତ ପୂର୍ବମାଗଧୀ ଅପଭ୍ରଂଶ ବୋଲି ସ୍ୱୀକାର କରିବା ଏକାନ୍ତ ସମୀଚୀନ। ତଥାପି ଏହାର ଭାଷାରେ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଓ ପରିଚୟ ସର୍ବାଧିକ ପରିମାଣରେ ଦେଖିବାକୁ ମିଳେ। ଏହି ଚର୍ଯାପଦଗୁଡ଼ିକ ସାନ୍ଧ୍ୟ ଭାଷାରେ ଲିଖିତ ବୋଲି କୁହାଯାଇପାରେ। ହରପ୍ରସାଦ ଶାସ୍ତ୍ରୀ ଏହା ସାନ୍ଧ୍ୟଭାଷାରେ ରଚିତ ବୋଲି ନିମ୍ନୋକ୍ତ ରୂପେ ଲିଖିତ କରି କହିଛନ୍ତି– 'ପଦକର୍ତ୍ତାର ସାନ୍ଧ୍ୟଭାଷାୟ ଗାନ କରିତେନ, ସାନ୍ଧ୍ୟଭାଷା ଅର୍ଥ ଆଲୋ ଆଁଧାରେ ଭାଷା, ଉପରେ କଥାୟ କଥାୟ ଏକ ରୂପ ମାନେ ହୟ। ଅଥଚ ଭିତରେ ଅନ୍ୟ ରୂପ ଗୂଢ଼ଅର୍ଥ ଥାକେ।' ମାତ୍ର ସାନ୍ଧ୍ୟଭାଷା ବୋଲି କୌଣସି ଭାଷା ନାହିଁ। ସାଙ୍କେତିକ ଓ ରୂପକକ୍ଷ ଶବ୍ଦାବଳୀ ପ୍ରୟୋଗରେ ସହଜିଆ ସାଧନାର ନାନା

ତତ୍ତ୍ୱ ଓ ରହସ୍ୟ ବହନ କରି ଏହି ଚର୍ଯ୍ୟାପଦଗୁଡ଼ିକ ରଚିତ ହୋଇଥିବାରୁ ଏହାର ଭାଷାଶୈଳୀକୁ ସାନ୍ଧ୍ୟଭାଷା କୁହାଯାଉଥିଲେ ହେଁ ଏହା ସେକାଳର ପୂର୍ବଭାରତରେ ପ୍ରଚଳିତ ଲୋକଭାଷା, ଏଥିରେ ଦ୍ୱିମତ ହେବାରେ ନାହିଁ। ତେବେ ସାନ୍ଧ୍ୟଭାଷା ପ୍ରୟୋଗର ଏକ ଧାରାବାହିକ ପରମ୍ପରା ଏ ଦେଶରେ ବେଦବେଦାଙ୍ଗ କାଳରୁ ଚଳିଆସୁଥିଲେ ମଧ୍ୟ ତନ୍ତ୍ର ସାହିତ୍ୟରେ ହିଁ ଏହାର ବ୍ୟାପକ ବ୍ୟବହାର ପରିଦୃଷ୍ଟ ହୁଏ। ସିଦ୍ଧାଚାର୍ଯ୍ୟଗଣ ତାନ୍ତ୍ରିକ ବୌଦ୍ଧ ସହଜିଆ ଥିବା ହେତୁ ସେମାନଙ୍କ ଗୁହ୍ୟବା ଗୁପ୍ତ ସାଧନାକୁ ସେମାନେ ସାନ୍ଧ୍ୟଭାଷାରେ ହିଁ ପ୍ରକାଶ କରିଛନ୍ତି। ଏହି କବିଗଣଙ୍କ ସାଧାରଣ ଶବ୍ଦରେ ସାଧାରଣ ଅର୍ଥ ଅନ୍ତରାଳରେ ଅନ୍ୟ ଏକ ଅର୍ଥ ପ୍ରଚ୍ଛନ୍ନ ଭାବରେ ଆତ୍ମଗୋପନ କରିବାର ଦେଖାଯାଏ।

ସାନ୍ଧ୍ୟଭାଷା ଏକ ରହସ୍ୟମୟ ଭାଷା। ଦିବସର ଅବସାନ ଓ ରଜନୀର ଆଗମନ କାଳରେ ଯେପରି ଏକ ଅଦ୍ଭୁତ ଏବଂ ମନୋରମ ପରିବେଶ ସୃଷ୍ଟି ହୁଏ, ସେହିପରି ବୈଶିଷ୍ଟ୍ୟ ବିମଣ୍ଡିତ ଭାଷା ହେଉଛି ସାନ୍ଧ୍ୟଭାଷା। ଏହି ଭାଷାକୁ ସାଧାରଣ ଭାବେ ଅର୍ଥ କଲେ ବୋଧଗମ୍ୟ ହେବା ଅସମ୍ଭବ ଏବଂ ଜଟିଳ; ମାତ୍ର ଗୁରୁଦୀକ୍ଷା ନେଇ ଏହାକୁ ବିଶେଷ ଅର୍ଥ କଲେ ଏହାର ପ୍ରକୃତ ସ୍ୱରୂପ ଉଦ୍‌ଘାଟନ କରିବା ସମ୍ଭବ ଓ ସରଳ।

## ୧.୩.୫ ଛନ୍ଦ

ଚର୍ଯ୍ୟାପଦଗୁଡ଼ିକରେ ଗୀତର ଶୈଳୀ ବିଶେଷରୂପେ ପ୍ରଯୁକ୍ତ ହୋଇଅଛି। ଏଗୁଡ଼ିକ ବିଶିଷ୍ଟ ରାଗରାଗିଣୀରେ ରଚିତ। ଛନ୍ଦ ମାତ୍ରାମୂଳକ। ସିଦ୍ଧମାନଙ୍କଦ୍ୱାରା ରାଗରାଗିଣୀର ସଂକେତ ସବୁ କବିତାରେ ଦିଆଯାଇଛି କିମ୍ବା ପରେ ସେ ସବୁର ସମ୍ପର୍କ ସ୍ଥାପନ କରାଯାଇଛି, ତାହା ଗବେଷଣା ସାପେକ୍ଷ। କିନ୍ତୁ ସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ରାଗ-ରାଗିଣୀର ନିର୍ଦ୍ଦେଶ ଦିଆଯାଇଛି ବୋଲି ଅନୁମାନ କରିବା ମୂଳରେ ଏକ କାରଣ ଅଛି। ତାହା ହେଉଛି, ସିଦ୍ଧାଚାର୍ଯ୍ୟମାନେ ସଙ୍ଗୀତ ସାଧନା ପ୍ରତି ବିଶେଷ ରୁଚିଶୀଳ ଥିଲେ। ସିଦ୍ଧ ପରମ୍ପରାରେ ଜଣେ ସିଦ୍ଧ 'ବୀଣାପା' ବୀଣା ସାହାଯ୍ୟରେ ଆପଣା ରଚିତ ପଦଗୁଡ଼ିକର ଗାନ କରୁଥିଲେ। ଚର୍ଯ୍ୟାପଦର ପ୍ରତ୍ୟେକ ଛାନ୍ଦ ଭିତରେ ଅକ୍ଷର କି ମାତ୍ରାର ସମସଂଖ୍ୟା ବା ନିୟମ ଦେଖାଯାଏ ନାହିଁ। ଏକ ଛାନ୍ଦ ଭିତରେ ପଦ ଭିତରେ ଥିବା ଅକ୍ଷର ବା ମାତ୍ରାର ସଂଖ୍ୟାରେ ଏକାଧିକ ସଂଖ୍ୟାର ପ୍ରଭେଦ ଦେଖାଯାଏ। ବର୍ତ୍ତମାନ ଓଡ଼ିଆ ଭାଷାରେ ଚଳୁଥିବା କେତୋଟି ରାଗର ନାମ ସେଥିରେ ଦେଖିବାକୁ ମିଳେ। କିନ୍ତୁ ଓଡ଼ିଆ ରାଗ ସହିତ ଚର୍ଯ୍ୟାପଦ ରାଗର ଆକାରପ୍ରକାର ଏକ ନୁହେଁ, ଯଥା– ଦେଶାଖ (ଦେଶାକ୍ଷ), ପଟ୍ଟମଞ୍ଜରୀ (ପଟହମଞ୍ଜରୀ), ଭୈରବୀ, କାମୋଦ, ବରାଡ଼ି, ରାମକ୍ରୀ (ରାମକେରୀ), ଗୁଜରୀ ପ୍ରଭୃତି ରାଗ ଓଡ଼ିଆ ଛାନ୍ଦର ରାଗର ନାମ ସହ ସାମଞ୍ଜସ୍ୟ ଥିବାର ଉପଲବ୍ଧ ହୁଏ।

## ୧.୩.୬ ରହସ୍ୟବାଦ

ସିଦ୍ଧକବିଙ୍କ ରଚନାରେ ରହସ୍ୟବାଦର ସଂକେତ ସ୍ପଷ୍ଟ । ଓଡ଼ିଆ ସାହିତ୍ୟରେ ଏହାର ବିକାଶଧାରାକୁ ଲକ୍ଷ୍ୟ କଲେ ସିଦ୍ଧ ସାହିତ୍ୟର ଏହି ବିଭାଗଟି ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତୁତ କରିଛି । ଗାନ ଓ ଦୋହାରେ ଯେଉଁ ମନୋବିଜ୍ଞାନ ପ୍ରତିଫଳିତ ହୋଇଛି, ପଞ୍ଚସଖା ଯୁଗୀୟ ସାହିତ୍ୟରେ ତାହାର ସଂକେତ ପ୍ରକଟିତ ହୋଇଥିବାରୁ ମନୋବୈଜ୍ଞାନିକ କ୍ରିୟାର ଏକ ପରମ୍ପରାଗତ ମନୋରମ ଶୃଙ୍ଖଳା ମଧ୍ୟ ଓଡ଼ିଆ ସାହିତ୍ୟରେ ପରିସ୍ଫୁଟ ହୋଇପାରିଛି ।

## ୧.୩.୭ ସାଙ୍ଗୀତିକତା

ବୌଦ୍ଧଗାନ ଓ ଦୋହାର ସାଙ୍ଗୀତିକ ମୂଲ୍ୟବୋଧକୁ ଅସ୍ୱୀକାର କରାଯାଇ ନ ପାରେ । ଏହାକୁ ଏବେ ସୁଦ୍ଧା ବିଶେଷ ପର୍ବମାନଙ୍କରେ ନେପାଳରେ କେତେକ ଗାନ କରନ୍ତି । ଶାନ୍ତିଦେବ ତାଙ୍କର 'ସଙ୍ଗୀତ ରତ୍ନାକର'ରେ ଚର୍ଯ୍ୟାଗୁଡ଼ିକର ସାଙ୍ଗୀତିକତା ସମ୍ପର୍କରେ ସୂଚନା ଦେଇଛନ୍ତି । ଯଥା–

''ପଦ୍ଧତି ପ୍ରଭୃତି ଛନ୍ଦା ପାବନ୍ତ ପ୍ରାସ ଶୋଭିତାଃ
ଆଧାତ୍ମଗୋଚରା ଚର୍ଯ୍ୟାସ୍ୟାତ୍ ଦ୍ୱିତୀୟାଦିତାଳତଃ ।''

ଓଡ଼ିଆ କବିତାର ଉତ୍ସ ନିର୍ଣ୍ଣୟ କରିବାକୁ ଯାଇ କେତେକ ଆଲୋଚକ ସିଦ୍ଧାଚାର୍ଯ୍ୟଙ୍କ ରଚିତ ପଦଗୁଡ଼ିକୁ ଦୃଷ୍ଟାନ୍ତରୂପେ ଉପସ୍ଥାପନ କରିଥାନ୍ତି । କେତେକ ଆଲୋଚନାରେ ସେଗୁଡ଼ିକୁ ଓଡ଼ିଆ ସାହିତ୍ୟର ସର୍ବପ୍ରଥମ ପ୍ରେମ କବିତା ବୋଲି କୁହାଯାଇଛି । ଏକଥା ସତ ଯେ ପଦମାନଙ୍କରେ ଡୋମ୍ବୀ ଓ ଶବରୀମାନଙ୍କୁ ସତେ ଅବା ନିଜର ପ୍ରେମିକା ବୋଲି କଳ୍ପନା କରି ସେମାନଙ୍କ ଦେହ ସୌନ୍ଦର୍ଯ୍ୟ, ଦେହରେ ପିନ୍ଧିଥିବା ଭୂଷଣ ଏବଂ ବେଶର କେତେକ ବର୍ଣ୍ଣନା କରାଯାଇଛି । ସେମାନଙ୍କ ଉପସ୍ଥିତିକୁ ଅଧିକ ମନୋରମ କରି ଦର୍ଶାଇବା ନିମନ୍ତେ ପ୍ରାକୃତିକ ସୌନ୍ଦର୍ଯ୍ୟର ମଧ୍ୟ ଅନେକ ବର୍ଣ୍ଣନା ଅଛି । ମାତ୍ର ପ୍ରେମକବିତା କହିଲେ ଯଦି ପ୍ରକୃତରେ କୌଣସି ପ୍ରେମସମ୍ବନ୍ଧରେ କବିତାକୁ ବୁଝାଏ, ତେବେ ଚର୍ଯ୍ୟାପଦଗୁଡ଼ିକୁ କଦାପି ପ୍ରେମକବିତା କୁହାଯାଇପାରିବ ନାହିଁ । ପ୍ରେମପ୍ରସଙ୍ଗରେ ଯେଉଁ ମୌଳିକ ଆକାଂକ୍ଷାଗୁଡ଼ିକର ରହିବା ଆବଶ୍ୟକ, ଚର୍ଯ୍ୟପଦଗୁଡ଼ିକରେ ତା'ର ସଂକେତ ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ବରଂ ରୂପ ବର୍ଣ୍ଣନା ମଧ୍ୟରେ ତତ୍ତ୍ୱପୂର୍ଣ୍ଣ କଥାର ସୂଚନା ଦିଆଯାଇଥିବାରୁ ଏହାକୁ ବୌଦ୍ଧିକ ରଚନାକଳା ଅନ୍ତର୍ଭୁକ୍ତ କରାଯାଇପାରେ ।

# ୧.୩.୮ କବିତ୍ୱ

ଚର୍ଯାପଦରେ ସର୍ବତ୍ର ନ ହେଲେ ମଧ୍ୟ ଅନେକ ସ୍ଥଳରେ କବି କଳ୍ପନାର ସମାବେଶ ପରିଲକ୍ଷିତ ହୋଇଥାଏ। ଏଗୁଡ଼ିକ ଧର୍ମ ସଙ୍ଗୀତ, କବିତ୍ୱ ପ୍ରକାଶ ବା କଳ୍ପନା ବିଳାସ ରଚୟିତାମାନଙ୍କର ଉଦ୍ଦେଶ୍ୟ ନ ଥିଲେ ମଧ୍ୟ ଚର୍ଯାପଦଗୁଡ଼ିକରେ ସ୍ଥଳେସ୍ଥଳେ ଅପୂର୍ବ କବିତ୍ୱର ପରିଚୟ ମିଳେ। ସିଦ୍ଧକବିମାନେ ଥିଲେ ଭାବୁକ, ସାଧକ। ବସ୍ତୁତଃ ସ୍ୱାଭାବିକ କବିତ୍ୱର ସ୍ଫୁରଣ ସେମାନଙ୍କ ରଚିତ ଗାନ ଓ ଦୋହାରେ ପରିଦୃଷ୍ଟ। କେବଳ ମାତ୍ର ଭାବ ବା ଭାଷାରେ ଯେ ତାହା ପ୍ରକଟିତ, ତା ନୁହେଁ; ବରଂ ଗାନଗୁଡ଼ିକରେ ବହୁ ସ୍ଥଳରେ ସେ କାଳର ଲୋକଜୀବନ ପ୍ରତିବିମ୍ବିତ ହୋଇଅଛି। ପୁଣି ସେଥିରେ ହିଁ ନିହିତ ରହିଛି ଗାନଗୁଡ଼ିକର ସାଧାରଣ ଆବେଦନ।

ଚର୍ଯାଗୀତିକାରଗଣ ତାଙ୍କ ରଚନାବଳୀକୁ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ରୂପେ ଦେଇଥିଲେ ଜୀବନ୍ୟାସ। ସାଧାରଣ ପାଠକ ଏହାକୁ ପଢ଼ି ସାହିତ୍ୟିକ ରସପିପାସା ଚରିତାର୍ଥ କରୁଥିଲା। ଗୁଣଗ୍ରାହୀ ପାଠକ ମଧ୍ୟ ଏହାର ପଠନ ଏବଂ ଗାୟନରେ ନିଜର ବୈଭିକ ଉତ୍ତରଣର ମାର୍ଗ ଆବିଷ୍କାର କରୁଥିଲା। ଏସବୁ ଦୃଷ୍ଟିକୋଣରୁ ବୌଦ୍ଧଗାନ ଓ ଦୋହାର ଯେ ଏକ ସାହିତ୍ୟିକ ମୂଲ୍ୟ ଥିଲା, ଏହାକୁ ଅସ୍ୱୀକାର କରିହେବ ନାହିଁ।

ସିଦ୍ଧକବିଙ୍କ ରଚନାରେ ଓଡ଼ିଆ ସାହିତ୍ୟର ଆଦିରୂପର ସାମଗ୍ରୀମାନ ସମ୍ପୂର୍ଣ୍ଣ ପ୍ରାମାଣିକ ଢଙ୍ଗରେ ଉପଲବ୍ଧ। ଏହି ସିଦ୍ଧ ସାହିତ୍ୟ ଶତାବ୍ଦୀ ବ୍ୟାପୀ ଆଗତ ଓଡ଼ିଶାର ସାଂସ୍କୃତିକ ବିଚାରଧାରାର ଏକ ସ୍ୱଷ୍ଟ ଉଲ୍ଲେଖ କହିବା, କାରଣ ଏଥିରେ ଯୋଗାଚାର ନିବଦ୍ଧ ଉତ୍କଳୀୟ ଧର୍ମ ଓ ଉତ୍କଳୀୟ ଶୂନ୍ୟଦର୍ଶନର ରୂପ ବିମ୍ବିତ ହୋଇଥିଲେ ହେଁ ଯୌନ ଆଚରଣରେ ଅଧିକ ସଂଯତ ଉତ୍କଳୀୟ ସଂସ୍କୃତିର ଛାୟା ଆଦୌ ସ୍ୱଷ୍ଟ ନୁହେଁ। ବରଂ ଏହାର ବିପରୀତମୁଖୀ। ଅଷ୍ଟମ ଶତାବ୍ଦୀବେଳେ ଓଡ଼ିଶାରେ ଯେଉଁ ବଜ୍ରଯାନ ଓ ତନ୍ତ୍ରଯାନର ଅଭ୍ୟୁଦୟ ଘଟିଲା, ତାହା କାଳକ୍ରମେ ପରିବର୍ତ୍ତନ ହୋଇ ସହଜଯାନରେ ପରିଣତ ହେଲା। ପୂର୍ବ ଭାରତର ବୈଷ୍ଣବ ଧର୍ମ ଓ ବ୍ରଜଯାନ ମିଶ୍ରଣରେ ଯେଉଁ ନୂତନ ଧର୍ମର ଆବିର୍ଭାବ ଘଟିଲା ତାହା ହେଉଛି ଓଡ଼ିଶାର ଜଗନ୍ନାଥ ଧର୍ମ। ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ବୌଦ୍ଧ ସହଜିଆ ଧର୍ମଦର୍ଶନ ସହିତ ଦକ୍ଷିଣାଗତ ବୈଷ୍ଣବ ଧର୍ମ ଓ ଦର୍ଶନର ଅପୂର୍ବ ସମନ୍ୱୟ ଫଳରେ କାନ୍ତ-କୋମଳ-ପଦାବଳୀ କର୍ତ୍ତା ଉତ୍କଳୀୟ ବୈଷ୍ଣବ କବି ଶ୍ରୀ ଜୟଦେବଙ୍କ ଆବିର୍ଭାବ ଓଡ଼ିଶା ତଥା ଭାରତର ଧାର୍ମିକ ଇତିହାସରେ ଏକ ଅଭୂତପୂର୍ବ ଘଟଣା। କବି ଜୟଦେବଙ୍କ ଆବିର୍ଭାବ, ବୌଦ୍ଧ ସହଜିଆଙ୍କ କାୟା ସାଧନା ଓ ହିନ୍ଦୁ ତାନ୍ତ୍ରିକମାନଙ୍କର ବାମାଚାର ମାର୍ଗ ଅବଲମ୍ବନ ମଧ୍ୟରେ ବୈଷ୍ଣବଧର୍ମ ଓ ଯୋଗର ସମ୍ପୂର୍ଣ୍ଣ ପ୍ରଭାବ ପରିଲକ୍ଷିତ ହୁଏ ଏବଂ ଜଗନ୍ନାଥ ଯେ ବୁଦ୍ଧ ଏହି ଭାବଧାରା ବଜ୍ରଯାନର ରୂପ ପରିବର୍ତ୍ତନର ପରିଣତି ସ୍ୱରୂପ ଆସିଥିବା ସ୍ୱଷ୍ଟ। ତେବେ ଉପସଂହାରରେ ଏତିକି କୁହାଯାଇପାରେ ଯେ– 'ଭାଷାତତ୍ତ୍ୱ, ଧର୍ମ, ଦର୍ଶନ ଓ ଇତିହାସ ପ୍ରଭୃତି ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କଲେ ଜଣାପଡ଼େ ବୌଦ୍ଧଗାନ

ଓ ଦୋହା ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟ ବିକାଶର ଆଦିମ ଉତ୍ସ। ଏହା ହିଁ ଗ୍ରାମ୍ୟକଥିତ ଓଡ଼ିଆ ଭାଷାକୁ ଲିଖିତରୂପ ପ୍ରଦାନ କରି ଧୀରେଧୀରେ ଯେଉଁ ସାହିତ୍ୟିକ ଅଭିବୃଦ୍ଧି ଘଟାଇଥିଲା, ତାହା ପଞ୍ଚଦଶ ଶତାବ୍ଦୀ ବେଳକୁ ସାରଳା ଦାସଙ୍କ କୃତିରେ ବିଶାଳରୂପ ଗ୍ରହଣ କରି ସର୍ବସ୍ୱୀକୃତ, ସ୍ୱୟଂସମ୍ପୂର୍ଣ୍ଣ ଭାଷା ଓ ଲିପିର ମର୍ଯ୍ୟାଦା ପାଇପାରିଲା।

## ୧.୪ ଆତ୍ମପରୀକ୍ଷଣ ପ୍ରଶ୍ନ

### (କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

୧. ବୌଦ୍ଧ ଦର୍ଶନ ହିଁ ସାଧାରଣ ଓଡିଆ ଜନଜୀବନକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି- ପଠିତ ଚର୍ଯ୍ୟା କବିତା ଅନୁସରଣରେ ଉକ୍ତିଟିର ସତ୍ୟତା ନିରୂପଣ କର।

୨. ଶରୀରଭେଦ ମୂଳକ କବିତା ରଚନା କରିବାରେ ଚର୍ଯ୍ୟାକବିଙ୍କ ସାଫଲ୍ୟ ପ୍ରଦର୍ଶନ କର।

୩. ଚର୍ଯ୍ୟା କବିତାରେ ଥିବା ଓଡିଶାର ଐତିହାସିକ ଓ ସାମାଜିକ ଘଟଣାବଳୀ ଉପସ୍ଥାପନ କର।

୪. ଓଡିଶାରେ ବୌଦ୍ଧ ଧର୍ମର କ୍ରମିକ ବିକାଶ ହିଁ ଚର୍ଯ୍ୟା ସାହିତ୍ୟ ସୃଷ୍ଟିର ମୂଳବିନ୍ଦୁ - ପ୍ରମାଣ କର।

୫. କବିତାରେ ସାନ୍ଧ୍ୟଭାଷାର ଆବଶ୍ୟକତା ନିରୂପଣ କରି ଏହା କିପରି ଚର୍ଯ୍ୟା କବିତାରେ ପ୍ରତିଫଳିତ ହୋଇଛି ସଦୃଷ୍ଟାନ୍ତ ଉଲ୍ଲେଖ କର।

### (ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

୧. କାହ୍ନୁପାଦଙ୍କ କବିତାର ସାମାଜିକ ଆବେଦନ।

୨. ଶରହପାଦ କବିତାର ମୂଳ ବିଷୟବସ୍ତୁ।

୩. ଚର୍ଯ୍ୟାକବିତାରେ ସାଙ୍ଗୀତିକତା।

୪. ଲୁଇପାଦଙ୍କ କବିତାରେ ଜୀବନଦର୍ଶନ।

୫. ଡମଣି, ଚମାରୁଣି ଆଦି ବିଭିନ୍ନ ସାଙ୍କେତିକ ଶବ୍ଦ ପ୍ରୟୋଗର ଆବଶ୍ୟକତା।

## ୧.୫ ସହାୟକ ଗ୍ରନ୍ଥସୂଚୀ


- କର, କରୁଣାକର, (୧୯୬୯), *ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ,* ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
- ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ),* ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ।

# ଦ୍ୱିତୀୟ ଏକକ : ନାଥ ସାହିତ୍ୟ

**ବିଷୟ ଗଠନ :**

**୨.୧ ପଠନର ଉଦ୍ଦେଶ୍ୟ**

**୨.୨ ଶିକ୍ଷଣୀୟ ବିଷୟ**

**୨.୩ ବିଷୟ ପ୍ରବେଶ**

**୨.୩.୧ ନାଥ କବି ପରିଚୟ**

**୨.୩.୨ ସିସୁବେଦ ପାଠ**

**୨.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ**

**୨.୫ ସହାୟକ ଗ୍ରନ୍ଥସୂଚୀ**

## ୨. ୧ ପଠନର ଉଦ୍ଦେଶ୍ୟ

ଓଡିଆଭାଷାର ପ୍ରାଚୀନ ସାହିତ୍ୟ ଭାବରେ ନାଥ ସାହିତ୍ୟର ସ୍ୱତନ୍ତ୍ର ସ୍ଥାନ ରହିଛି । ସମାଜ ଜୀବନ ଓ ଧର୍ମ ପରମ୍ପରା ଦୃଷ୍ଟିକୋଣରୁ ଏହି ସାହିତ୍ୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏ ପର୍ଯ୍ୟନ୍ତ ଆବିଷ୍କୃତ ଓଡିଆଭାଷାର ପ୍ରଥମ ତାଳପତ୍ର ସାହିତ୍ୟ 'ଚର୍ଯ୍ୟାଗୀତିକା', ଜ୍ଞାନମିଶ୍ରା ଭକ୍ତିମାର୍ଗର ମୌଳିକ ପିଣ୍ଡ ଥିବା 'ନାଥ ସାହିତ୍ୟ' ଏବଂ ସର୍ବପ୍ରାଚୀନ ଚଉତିଶା ସାହିତ୍ୟ ଭାବରେ ଚିହ୍ନିତ 'କଳସା ଚଉତିଶା' କେବଳ ଓଡିଆ ସାହିତ୍ୟକୁ ସମୃଦ୍ଧ କରିନାହିଁ, ବରଂ ଓଡିଆଭାଷାକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି । ଆଲୋଚନା ଦୃଷ୍ଟିରୁ ଏହି ସବୁ ସାହିତ୍ୟିକ ବିଭବର ଗଭୀର ଅଧ୍ୟୟନ କରିବା ସହିତ ବର୍ତ୍ତମାନର ଓଡିଆ ଭାଷା ସହିତ ଏହାର ସମ୍ପର୍କ ପ୍ରଦର୍ଶନ କରାଗଲା ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଶେଷରେ ଆପଣ ଜାଣିବାକୁ ପାଇବେ :-

- ନାଥ ସାହିତ୍ୟର ପରିଚୟ ।
- ପ୍ରାଚୀନ ଓଡିଆ କବି ଓ କବିତା ।
- ପ୍ରାଚୀନ ଓଡିଆ ସାହିତ୍ୟରେ ନାଥ ସାହିତ୍ୟର ସ୍ଥାନ ।

## ୨.୩ ବିଷୟ ପ୍ରବେଶ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ସିସୁବେଦ'ର ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାଚୀନ ଓଡ଼ିଆ ପଦ୍ୟଗଦ୍ୟ ମିଶ୍ରିତ ସାହିତ୍ୟରେ 'ସିସୁବେଦ' ପ୍ରାକ୍ ସାରଳା ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ। 'ସିସୁବେଦ'ରେ ପଦସଂଖ୍ୟା ୨୫ ଓ ଏଥିରେ ବିଭିନ୍ନ ପଦର ବ୍ୟାଖ୍ୟା ଗଦ୍ୟ ଭାବରେ ଦିଆଯାଇଛି। 'ସିସୁବେଦ'ର ପଦଗୁଡ଼ିକର ଭାବ ଶରୀର ଭେଦତତ୍ତ୍ୱ ଓ ବ୍ରହ୍ମଜ୍ଞାନମୂଳକ ଓ ଭାଷା ପ୍ରାଚୀନ ହୋଇଥିବାରୁ ଓଡ଼ିଶାର ନାଥପନ୍ଥୀ ସାଧକଙ୍କଦ୍ୱାରା ରଚନା ଓ ବ୍ୟାଖ୍ୟା ହୋଇଥିବା ସମ୍ଭବ।

ପ୍ରାଚୀନ ଓଡ଼ିଆସାହିତ୍ୟରେ ସିସୁବେଦର ଗଦ୍ୟ ବ୍ୟାଖ୍ୟା ଶୈଳୀ ଲୌକିକ ଗଦ୍ୟରଚନା ଶୈଳୀର ଭିତ୍ତି ପକାଇ ଅଛି। ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱ ବା ବ୍ରହ୍ମଜ୍ଞାନମୂଳକ ଭାଷା କିପରି ଓଡ଼ିଆ ଗଦ୍ୟକୁ ସରଳ ଓ ସହଜ ରୀତିରେ ଜନସାଧାରଣଙ୍କୁ ବୁଝାଇବାପାଇଁ ଚେଷ୍ଟା କରାଯାଇଛି, ତାହା ଏହି ଗ୍ରନ୍ଥକୁ ବିଶ୍ଲେଷଣ କଲେ ଜଣାପଡେ। 'ସିସୁବେଦ'ର ଗଦ୍ୟ ବ୍ୟାଖ୍ୟା ସ୍ୱଳ୍ପ ଶବ୍ଦବିଶିଷ୍ଟ ହୋଇଥିଲେ ମଧ୍ୟ ତାହାର ପ୍ରକାଶ ଭଙ୍ଗୀରେ ସ୍ୱାଭାବିକତା ରହିଅଛି। ଏହାର ପ୍ରତ୍ୟେକ ପଦ କୋମଳ, ସରଳ ଏବଂ ବୁଝାଇବା ଶୈଳୀରେ ରଚିତ । ଏହାର ଗଦ୍ୟାତ୍ମକ ବ୍ୟାଖ୍ୟାରେ ପାଣ୍ଡିତ୍ୟ ନାହିଁ; ଅଛି ସହଜ ସରଳ ଶିଶୁ ସୁଲଭ ରୀତିରେ ଭାବର ପ୍ରକାଶ। ଏହି ଦୃଷ୍ଟିରୁ ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ପ୍ରଥମ ସୋପାନ ରୂପେ 'ସିସୁବେଦ'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ।

ପ୍ରାଚୀନ ସାହିତ୍ୟରେ ସିସୁବେଦର ବହୁଳ ନାମୋଲ୍ଲେଖ ରହିଛି। ସାରଳା ମହାଭାରତର ମଧ୍ୟ ପର୍ବରେ ଦେବକୀ କାମାକ୍ଷୀ ବ୍ରତ ପାଳନ କଲାବେଳେ ବିଭିନ୍ନ ବ୍ରାହ୍ମଣଙ୍କ ସହିତ ପଚିଶ ହଜାର ସିସୁବେଦୀ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରିଛନ୍ତି। ଯଥା – ସିସୁବେଦୀ ହୋଇବେ ପଂଚବିଂଶ ସହସ୍ର ଆତ୍ମଜ । ସେହି ପର୍ବରେ ଅନ୍ୟନ୍ତ୍ର ବର୍ଣ୍ଣିତ ଅଛି ଯେ, ବ୍ରହ୍ମା ଚାରିବେଦର ସ୍ରଷ୍ଟା ଥିବାବେଳେ ଶିବ ପଞ୍ଚମ ବେଦ ଅଭ୍ୟାସ କରନ୍ତି। ତେଣୁ ସିସୁବେଦର ଜନ୍ମଦାତା ହେଉଛନ୍ତି ଶିବ। ଏପରିକି ବେଦମାନଙ୍କର ନାମକରଣରେ କବି ଆୟୁର୍ବେଦ, ଜ୍ୟୋତିର୍ବେଦ, ଧନୁର୍ବେଦ ସହିତ ଶିଶୁମୁନୀ ବେଦର ନାମ ଉଲ୍ଲେଖ କରିଛନ୍ତି । ସାରଳା ମହାଭାରତରେ ସିସୁବେଦକୁ ଶିଶୁମୁନୀ ବା ଶିଷୁମ୍ନା ବେଦ ଭାବରେ ଗ୍ରହଣ କରିଛନ୍ତି । ସିସୁମୁନୀ ବେଦ ଅର୍ଥାତ୍ ଶିଷମ୍ନା ନାଡିରେ ଯୋଗ ସାଧନା ସମ୍ବନ୍ଧୀୟ ବେଦ (ସଭାପର୍ବ) ।

"ଆବର ଜ୍ୟୋତିଧନୁ ସିସୁମୁଂନା ଚାରିବେଦ
ଉଜାଣି ଉଠାଇଲୁ ମାତ ଢଉ ମଂନ୍ତ୍ରେ ଗୋ ତୋହର ଅଜପା କୁଟ ମଂନ୍ତ୍ରେ ।"
"ଆବର ଜ୍ୟୋତି ଧନୁ ସିସୁମୁନା ଅଯପା
ପଂଚବେଦ ମନ୍ତ୍ରେଂ
ଯଥାବାକ୍ୟ ଉଚ୍ଚାରଣ କରନ୍ତି ପ୍ରୋହିତେ ।" (ସଭାପର୍ବ)

ଏଥିରେ ଶିଶୁମୁନାବେଦ ସିଷମ୍ନାବେଦ, ଶିଶୁମୁନୀ ଯୋଗ ବା ସିସୁଯୋଗ, ଅଜପା ବେଦ ପ୍ରଭୃତି ଶବ୍ଦର ଆଲେଖ୍ୟରୁ ଜଣାଯାଏ ଯେ ସିସୁବେଦ ଗ୍ରନ୍ଥରେ ସିଷୁମ୍ନା ନାଡି ପବନ ଉତ୍ତୋଳନ କରି ବ୍ରହ୍ମ ଦର୍ଶନ କରିବା ହେଉଛି ମୁଖ୍ୟ ବିଷୟ । ଶିଶୁ ଶବ୍ଦ ଏକ ପାରିଭାଷିକ ଶବ୍ଦ, ଯାହା ହଠଯୋଗ ସାଧନାର ନାଦ ବ୍ରହ୍ମ, ଅନାହତ ଧ୍ୱନି, ମହାବ୍ରହ୍ମ ଜ୍ଞାନ ଆଦି ଅର୍ଥରେ ବ୍ୟବହୃତ ହୁଏ। ସାରଳା ମହାଭାରତ ଅନେକ ସମୟରେ ଜୀବତତ୍ତ୍ୱ କଥା କହୁଥିବାରୁ ସାଂକେତିକ ଭାବରେ ଏହି ଶବ୍ଦ ବ୍ୟବହାର ହୋଇଥିବାର ଅନୁମିତ ହୁଏ।

ସିସୁବେଦ ସମ୍ପର୍କରେ ବହୁ ପ୍ରାଚୀନ ଗ୍ରନ୍ଥରୁ ପ୍ରମାଣ ମିଳେ। ଦାଣ୍ଡିବୃତ୍ତରେ ଲିଖିତ ତଥା ସାରଳା ସମସାମୟିକ କବି ଚୈତନ୍ୟ ଦାସଙ୍କର ବିଷ୍ଣୁଗର୍ଭ ପୁରାଣ ଏକ ପ୍ରାଚୀନତମ ଗ୍ରନ୍ଥ । ଏହି ଗ୍ରନ୍ଥରେ ମହାଯାନ ବୌଦ୍ଧଧର୍ମର ସବିଶେଷ ପ୍ରଭାବ ଦେଖିବାକୁ ମିଳେ। ଏଥିରେ ବର୍ଣ୍ଣିତ "କାଳରୁ କମଳ ଯେ ହୋଇଲା ଉତପନ" ପଦରୁ ଜଣାପଡେ ବିଷ୍ଣୁଗର୍ଭ ପୁରାଣରେ ସିସୁବେଦ ଭଳି ପଦ ସଂଯୋଜନା କରାଯାଇଛି। କାଳ, କମଳ ଓ ବିଚାର ସହିତ ସିସୁବେଦ ପୁରାଣ, ଶିଶୁରନ୍ଧ୍ର, ସୁଷୁମ୍ନା ପ୍ରଭୃତି ପଦର ବହୁଳ ବ୍ୟବହାର କରାଯାଇଛି। ମହାଭାରତ ଓ ବିଷ୍ଣୁଗର୍ଭ ପୁରାଣରେ ସିସୁବେଦର ପ୍ରମୁଖ ପଦଗୁଡିକ ଅବିକଳ ପ୍ରୟୋଗ ହେତୁ ସିସୁବେଦ ଉଭୟ ଗ୍ରନ୍ଥର ବହୁ ପୂର୍ବବର୍ତ୍ତୀ ପ୍ରାଚୀନ ରଚନା ତଥା ସିସୁବେଦ ଯୋଗତତ୍ୱ-ସମ୍ବନ୍ଧୀୟ ଏକ ପ୍ରମୁଖ ପୁରାଣ ଥିଲା ବୋଲି ଏଥିରୁ ଜଣାଯାଏ। ତତ୍ତ୍ୱସାର ଟୀକା ସିଦ୍ଧାନ୍ତ ଚନ୍ଦ୍ରିକା ନାମକ ଗ୍ରନ୍ଥରେ ସିସୁବେଦକୁ ଶିଶୁବୋଧ ଭାବରେ ଗ୍ରହଣ କରିଛନ୍ତି। ଯଥା- "କାହିଁ ଅଇଲା କାହିଁ ଯିବ। ଯେହା ନ ଜାଣେ ବ୍ରହ୍ମାଶିବ ॥"

ଅର୍ଥ – ରଜଗୁଣ ଆତ୍ମା । ତମଗୁଣ ଈଶ୍ୱର । ସତଗୁଣ ବିଷ୍ଣୁ । ଯେଣୁକରି ନ ଜାଣିଲେ । ତମ ଗୁଣରେ "ଜାଣନ୍ତି ଈଶ୍ୱର । କିଂଚିତ ପ୍ରକାରେ ସିସୁବେଦରୁ। ଶିଶୁ ଯେ ବାଳକ । ବାଳକମାନେ ଅଳପକେ ତମଗୁଣ ବହନ୍ତି, ତାହାଙ୍କର ଯେଉଁ ବୋଧ । ସେ ସିସୁବେଦ ବୋଲଟି । ସୁଜନଜନ ନ ଜାଣନ୍ତି ସିସୁବେଦର ବାଣୀ"। ଏହାର କବି ଶିଶୁବୋଧ ଶବ୍ଦ 'ସିସୁବେଦ'ରୁ ଉତ୍ପତ୍ତି ବୋଲି ସ୍ୱୀକାର କରିଥିବାବେଳେ ଲେଖନୀ ଶୈଳୀ ଓ ଉଦ୍ଧୃତ ଗଦ୍ୟାଂଶ ସିସୁବେଦ ବ୍ୟାଖ୍ୟା ଭଳି ସମାନ ଲାଗୁଛି। ପୁଣି 'ମନବୋଧ' 'କୁମାରବୋଧ' ଆଦି ଶବ୍ଦ ଭଳି 'ସିସୁବେଦ'କୁ 'ଶିଶୁବୋଧ' ଭାବରେ ଉଲ୍ଲେଖ କରିଥିବାର ଅନୁମିତ ହୁଏ।

## ୨.୪ ନାଥ କବି ପରିଚୟ

ଯୋଗଭିତ୍ତିକ ନାଥଧର୍ମର ପ୍ରଥମ ଗ୍ରନ୍ଥ ଭାବରେ ଗୃହୀତ 'ସିସୁବେଦ' ଗ୍ରନ୍ଥ ଓଡିଆ ଭାଷା ଓ ସାହିତ୍ୟ ଏକ ଦୁର୍ଲଭ ଗ୍ରନ୍ଥ। ସୁଷୁମ୍ନା ନାଡ଼ିର ସହଯୋଗରେ ନାଥଯୋଗୀମାନେ ଯୋଗସାଧନା କରିଥା'ନ୍ତି। ଏହି ଯୋଗ ସାଧନା ତଥା ପ୍ରଣାଳୀ ହେଉଛି ସୁଷୁମ୍ନା ବେଦ ବା 'ସିସୁବେଦ'। ସୁଷୁମ୍ନା' ଶବ୍ଦ କ୍ରମେ ଏହା 'ସିସୁ'ରେ ପରିଣତ ହୋଇଛି। ପଚିଶିଟି ଶ୍ଳୋକର ସମାହାରରେ ରଚିତ ଏହି ଗ୍ରନ୍ଥର ପ୍ରତ୍ୟେକ ଶ୍ଳୋକ ଓ ଏହାର ଗଦ୍ୟରୂପ ସଂସ୍କୃତ

ଚମ୍ପୂକାବ୍ୟର ଭ୍ରମ ସୃଷ୍ଟି କରାଏ। ଏହାର ଲେଖକ ଗୋରଖନାଥ ବୋଲି ଏହାର ଭଣିତାରୁ ଜଣାଯାଏ। ଗୋରକ୍ଷନାଥଙ୍କ ସମୟ ଖ୍ରୀଷ୍ଟୀୟ ୧୦ମରୁ ୧୨ଶ ଶତାବ୍ଦୀ ହୋଇଥିବାରୁ ସିସୁବେଦ ଏହି ସମୟର ରଚନା ଭାବରେ ଗ୍ରହଣ କରନ୍ତି। ଡକ୍ଟର ବଂଶୀଧର ମହାନ୍ତିଙ୍କ ମତରେ ଏହା ଖ୍ରୀଷ୍ଟୀୟ ୧୪ଶ ଶତାବ୍ଦୀର ରଚନା ଏବଂ ଏହାକୁ ରଚନାକରି କେହି ପରବର୍ତ୍ତୀକାଳୀନ ନାଥସିଦ୍ଧ ଏହାର ମହତ୍ତ୍ୱ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏଥିରେ ଗୋରଖନାଥଙ୍କ ନାମ ଯୋଗ କରିଥାଇ ପାରନ୍ତି (ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ, ପୃ:୨୧୩)। ମାତ୍ର ଏହାର ଗଦ୍ୟାଂଶ ଭାଷା ଏହି ଗ୍ରନ୍ଥକୁ ସାରଳା ପୂର୍ବବର୍ତ୍ତୀ ସାହିତ୍ୟ ଭାବରେ ପ୍ରମାଣ କରିବାରେ ଯଥେଷ୍ଟ ଉପାଦାନ ପ୍ରଦାନ କରିଛି।

## ୨.୫ ସିସୁବେଦ ପାଠ

### ସିସୁବେଦ

ସୁଜନ ଜନ ନ ଜାଣଇଂ ସିସୁବେଦ ବାଣୀଂ
ଦୁଇକର୍ଣ୍ଣ ତୁଳା ଦେଇ ବୁଝ ପରିମାଣିଂ
ରାତ୍ର ପ୍ରହରେ ଥାଉଂ ଉଠିଣ ବସିବ
କର୍ଣ୍ଣର ମୂଳକୁ ସେ ଡକୟେ କରିବ।
ଯେଉଂ ଧ୍ୱନି ଆକାଶର ମଧ୍ୟରେ ପୁରୋଇଂ
ସେ ଶ୍ରୀ ଅନ୍ତର୍ଯ୍ୟାମୀ ନିରାକାର ସ୍ୱାମୀ।
ନ ବୋଇଲେ କଲିକି ସୁବୁଧି ହିଁ କାହାଣୀ
କାବ୍ୟ ଶାହାସ୍ତ ମଧ୍ୟ ସମସ୍ତ ଭଣଇଂ।
ସେ ସିସୁ ବେଦଟି।

ଯେକ ନୁହଂଇ ଦୁଇ ଅଲଗ ବିଲଗ
ନିରହୁଂ ନିରନ୍ତରେ ସେହୁ ଅଲଗ।
ସିଶୁମୁନା ମଧେଂ ସ ଯୋତି ପ୍ରକାଶ
ବଦନ୍ତି ନାଥ ଏ ଟି ସିଦ୍ଧଙ୍କର ବିଶୁଆସ।

ଅର୍ଥ- ଯେକ ନୁହଇଂ ଦୁଇନାଗି ଅକ୍ଷି, ଯେ ସେ ଚକ୍ଷୁର ପିତୁଳିଟି ହୋଇ ଜଣେ। ଦୁଇ ଚକ୍ଷୁ ଧୂନିରୁ ବାହାର ହୋଇ ଅକ୍ଷୀ। ଧୂନି ଘରେ ମନ ପଶିଲେ ସମାଧି ହୁଅଇଟି।

(ଅନ୍ୟ ଏକ ପୋଥିରେ ଲିଖିତ ଅଛି - ଯେକ ନୁହଂଇ ବେନି ବିଧି
ପୁଣି ସିସୁବେଦ ମଦେଂ ପ୍ରକାଶ
ବଦନ୍ତି ନାଥେ ସିସୁବେଦର ବିଶୁଆସ।

ଅର୍ଥ - ଯେକ ନୁହଇଂ ଦୁଇ ଦୁଇ ହୋଇଅଛିଂ । ସେ ଯେ ଚକ୍ଷୁଟି । ବେନି ପିତୁଳି ସେହି। ଯେକ ଜଣେଂ । ବେନି ଚକ୍ଷୁ ଧୂନି ହୋଇଅଛିଂ। ଧୁନି ଘରେ ମନେ ପଶିଲେ ସମାଦି ଲାଗଇଂ। ଯେହାକୁ ପରମ ଯୋଗୀ ସମାଦି ବୋଲି।) ୧ ।

କାଳକମଳ ନିରଂଜନ ଯେକଇଂ ଘରେ
ବାସା ଯେହା ଯେ ପ୍ରତି  ପ୍ରତି କରି ବୁଝାବଇଂ
ସେ ମୋର ଗୁରୁ  ମୁହିଂ ତା'ର ଦାସର ଦାସ ।୨।

ଅର୍ଥ -କାଳ ଯାହା କିଛି ସେ ଚକ୍ଷୁଟି। ତାହାର ଯେ ପିଛଡ଼ା ଢ଼ାଙ୍କୁଣୀ  ଅଛି ସେ ଯମର କଟାକ୍ଷଟି।ଯେହାକୁ କାଳ କହି। କମଳ ଯାହାକୁ ବୋଲି ସେ ଯେଟି ରହିଅଛି। କଳା ଡୋଳା ସ୍ଥିର କରି ଉଦେ କଲେ ନିରଜଂନ କହିଟି। ତେଣୁଂ କରି ତିନିହେଂ ଯେକଇ ଘରେ ବାସ।

ସପତ ସମୁଦ୍ରେଂ ଥିଲା ନ ଖାଇଲା ନୀର
ମାତା ଗର୍ଭେ ପଶି ନ ଖାଇଲା କ୍ଷୀର।
କେତେହଂ  ଅଇଲା ପୁତା କେତେହେଂ ରହିଂ ଅକ୍ଷି
ତାହାକୁ ପରଚେ ହୁଅ ସଦଗୁରୁ ପୁଛି ।୩।

ଅର୍ଥ- ଚକ୍ଷୁ ଭିତରେ ଯେଉଁ ପିତୁଳି ଅଛି। ସେ କରଣ ବିଯୋଗଟି। ସେ ଗୋରଖନାଥଙ୍କ ପରମ ଶୂନ୍ୟଟି।

ନୟନ ମନ ଦୁଇ  ଯେକଇ ମତ
ନୟନ ମନ ଭିତରେ ପରମଂ ଗୁରୁତ୍ୱ।୪।

ଅର୍ଥ-ବ୍ରହ୍ମ ଘରେ ସ୍ୱୟଂ ଧୁନି ପ୍ରକାଶ। ବଦନ୍ତି ଗୋରେଖନାଥେ। ନୟନକୁ ମନ ବୋଲି। ନୟନ ଉପରେ ମନୁଆର ବାସଟି। ତେଣୁକରି ଶୂନ୍ୟର କଥାକୁ ମନ ଯାଇଂଟି। ସେ ଦେଖିଲେ କହିଂ ପାରଇଟିକି। ଶୁଣିଲା କଥାକୁ ଶୃତି ନ ପାରଇଟି।

ପବନ ପାଲଟିକେ
ପ୍ରକୃତି ଛଡ଼ା କମଳ ଫୁଟା କେ

ତେବେହେଂ ଶୁଖି ବାଇ ପାଣି
ଚନ୍ଦ୍ରଂ ସୂର୍ଯ୍ୟକୁଂ ଯେଉଂ ଯୋଗୀ ଶୁଣି ପାରଇ
ସେ ଯୋଗୀ ଅତ୍ୟନ୍ତ ଗରୁଆ ଜାଣି।୫।

ଅର୍ଥ -ପକ୍ଷୀ ଯେ ବୋଲି ବେନି ପିଛଡ଼ାଟି ଶୂନ୍ୟଗିରି ବୋଲି ଯେ ସେ ମନଟି । ସେ ମନ ଲେଉଟି ଧୁନିଘରେ ପଶିଲେ ମନକୁ ମନ ଦେଖଇ। ରହି ପାରିଲେ ପବନ ପ୍ରାଣ ପଲବିତ ହୋଇ ରହଇ। ଯେହାକୁ ଶୂନ୍ୟ ପ୍ରମାଣ ସମାଦି ବୋଲି।

ମନ ମରଇ ତ ପଲବଇ ପ୍ରାଣ
ମନ ଚଞ୍ଚଳ ହୋଇଲେ ନ ଲଭଇ ଚ ଗ୍ୟାନଂ।
ମନ ଇନ୍ଦି ପ୍ରକୃତି ଲଭଇ ତାହା ସୁଖେ
ସିଦ୍ଧି ଚଢ଼ଇ ବ୍ରହ୍ମ ସୃଷ୍ଟି ବିହରଇ ସୁଖେ ।୬।

ଅର୍ଥ -ମନ ଯୋଗ ଭିତରେ ରହିଲେ ପବନ ନିଶ୍ଚଳ ହୋଇଂ। ବିନ୍ଦୁ କଂଶା ପ୍ରକାଶଇ। କାୟା ଝଙ୍କଇ। ଉତ୍ପତ୍ତି ପ୍ରଳୟ ନୁହଇଂ। କାଳ ଖଣ୍ଡଇଂ। ଖୋଜିଲେ ପାଇ ଧୂନି। ଗଲେ ବାହୁଡ଼ାଇ ଆଇଂ। ମଲେ ଜିଆଇଂ ଆଣଇଂ। ପବନ ନ ପଶଇଟି। ଯେହାକୁ ପରମ ଯୋଗ ସମାଦି ବୋଲାଇଂ।

ତାହାକୁ ଦେଖ ହୋ ମନଥିର ହୋଇଂ
ନିଚଳ ଥାଇ ଆପ ପ୍ରଚେ ବୋଲାଇଂ।୭।

ଅର୍ଥ- ସେ ଚକ୍ଷୁଟି। ଯେହାକୁ ଥିର କଲେ ପରଚେ ଯୋଗ ବୋଲି।

ଅକଳିତ ମନ ଥମ୍ଭୀଭୂତ ବାଇ
ପିଣ୍ଡ ଛାଡ଼ି ପ୍ରାଣ କେବେହେଂ ନ ଯାଇଂ
ସତି ସତି ଭାଷନ୍ତି ଶ୍ରୀଗୋରେଖ ରାୟେ
ପୁରେ ପୁରେ ବାସ ନଯାୟେ।୮।

ଅର୍ଥ-ଚକ୍ଷୁ ଦେଖଇ କଳଣା କରଇ। ସେ ପ୍ରାଣ କି ପୁଣ୍ୟ ଦେହୀ ବୋଲି । ଚକ୍ଷୁ ଭିତରେ ପିତୁଳିକି ଲୟେ କଲେ ମନଥିର ହୋଇ। ଯେହାକୁ ନିରଂଜନ ପରଚେ ସମାଦି ବୋଲି।

ମନ କଳା ଚରମନ ଭୋଳା
ତା ତୁଲେ ଭୀତି ନ ଯାଇଂ।

ଶକ୍ତି ପାତ୍ର କୁଣ୍ଡଳୀ ଭାବି
ମୂଳ କମଳ ଚାପିଲେ
ଯେ ପଛଳି ପୁଲିଆ ବୋଲାଇ।୯।

ଅର୍ଥ -କୁଣ୍ଡଳୀଳି ସପ୍ତଫଣୀ ବୋଲି। ସର୍ପଣୀ ପବନକୁ ବୋଲି  ଗୁହ୍ୟ ଦ୍ୱାରେ ବାମ ଗୋଇଠି ଦେଇଂ ବସିବ। ପବନ ଲାଗି ପିଂଗଳା ପଶିଲେ ଯେହାକୁ ରବିଚନ୍ଦ୍ର ଓଢଣ ବୋଲି।

ମନେ ମନେ ଧ୍ରୁବ ବଚନ କହିଂ  ପିଇବା ନିର୍ଝର ପାଣି
ଗୁରୁ ପ୍ରସନେ ଅମୃତ ଭୁଞ୍ଜିବା ଯେ ପାଇଲଇଂ ଶ୍ରୀଗୁରୁ ବାଣୀ
ଯେହି  ତତ୍ୱ  ଯେବେ ମନେ ଧରେ ଜାଣି
ଯମରାଜା ହାତରେ ବୁହାଇବା ପାଣି ।୧୦।

ଅର୍ଥ-ସେ ଚକ୍ଷୁ ଉପରେ ପିତୁଳି ନିର୍ଣ୍ଣୟ କଲେ ସେ ଦେବତା ସମାନ ହୁଅଇ।

ଆଉଠ ହାତ କଲେ ବର ଭିତର
କାହିଂ ଥାଇ ଯିବ ଦେଉଛେି ଉତ୍ତର
ହେତୁ ମତି ଦେଇଂ ବୁଝ ମନୁରାଯେ
ମରିଗଲେ ପ୍ରାଣ କାହିଁ ସମାୟେ ।
ନାଦରୁ କାୟା ବିନ୍ଦରୁ ଘର
ତହିଂରେ ରାଜା ଚନ୍ଦ୍ରଶେଖର।
କପୋଳର ଅଷ୍ଟ-ନାଡ଼ି ଭିତର
ତହିଂ ଥାଇ ଜୀବ ଦେଉଂଛି ଉତ୍ତର।୧୧।

ଅର୍ଥ- ମଲେ ପ୍ରାଣ କାହିଂ ସମ୍ଭାଇ କାୟା ମାଟିରେ ସମ୍ଭାଇ। ପବନ ପବନେ ସମ୍ଭାଇ। ପଞ୍ଚତତ୍ୱଂ ଯେ ଯାହା ଥାନକୁ ଯାଇଂ ।

ସର୍ବ ଚଳଇ  ନ ଚଳଇ ଯେକେ
ନ ପଶଇ ନ ପୁରଇ ନ ରହଇ ଶେଷେ।
ଅହନିଶି ବରଷଇ ନ ତିନ୍ତଇ ସେ ଯେ
ଖଡ଼ଗେ ହାଣିଲେ ନ ଛିଡ଼ଇ ସେ ଯେ।୧୨।

ଅର୍ଥ-ସବଦ ଗୁରୁ ଚରଣେ ପୁଛିଲେ ପାଇବା। ସେ ରୂପ ବାହାର ଅଚଳ ଶୂନ୍ୟଂ ରହିଛି ମେରୁର ଭିତର। ସେ ଯେ ନିରଞ୍ଜନ  ଅଖଣ୍ଡିତ ଶୂନ୍ୟଟି।ସେ ଦୁଇଂକର  ରୂପରେଖ ନାହିଂ। ବାହାରେ ଚକ୍ଷୁ ଭିତରେ ନିରଞ୍ଜନ। ସୁନାପରା ଦେଖୁ ରହିଲେ। ଯେହାକୁ ନିସ୍ୱତି ଯୋଗ କହିଂ।

ସବଦେ କୋଳାହଳ ସବଦେ ନିନ
କେବଣ ସବଦ ଘେନି ତତୁଲ୍ୟ ନିନ।
ସବଦ ଶୁଭଇଁ ନିସବଦ ପାଶ ସବଦ ନିସବଦବାଣୀ
ସବଦ ଯେ ବୋଲି ସେ ବ୍ରହ୍ମଂ ଧୂନି।୧୩।

ଅର୍ଥ-ନିସବଦ ଯେ ସେ ମନର ଚକ୍ଷୁଟି। ଶୁଣିମାକୁ ମନ ଯାଇଁଟି। ଶ୍ରୁତିର ମଧ୍ୟେଂ ଚୈତନ୍ୟରୁପେକ ହୋଇଂ। ବ୍ରହ୍ମଧ୍ୱନି ହେତୁ ଯେ କଳା ଘେନି ରହିଲେ । ଯେହାକୁ ଅଲେଖ -ଜୀବ ସମାଦି ବୋଲି।

ମର ମର ପଣ୍ଡିତ ମରଣହିଂ କଷ୍ଟ
କେବଣ ସେ ମରଣ ହୋ ଗୋରେଖ ନିଷ୍ଟ
ମଲେଣ ଯେ ପିଣ୍ଡ ଯିବ କାହିଂକି
ଯାଉଂ ଯାଉଂ ପ୍ରାଣ ସରମୃତିହିଂକି।୧୪।

ଅର୍ଥ-ଜୀବ ତାହାର ପରମ ଶୂନ୍ୟଟି। ଆକାଶ ମଧ୍ୟେଂ ପରମ ପୁରଟି। ଯେଉଂ ଘରେ ବସି ଦେଖୁଅଛି ସେ ଘରେ ଜାଗ୍ରତ କଳା। ଘେନିଂନ ଶୂନ୍ୟ ମଧ୍ୟେଂ ପବନ ରହିଲା। ଯେହାକୁ ସପନାଧିକ-ପରମ ଯୋଗ ସମାଦି ବୋଲି।

ଡାହାଣ ବ୍ରତେକ କେ ସରସା ପାଇଲେ
ଦିନୁ ଦିନ ଜଡ଼ର କିଯେ
ମହାରସ ଶୋଷିବେ ଖଞ୍ଜା ନ ରସିବେ।
ଗୋରେଖନାଥ ବୋଇଲେ
ହେ ଶ୍ରୀଗୁରୁ ଉପାୟେ।୧୫।

ଅର୍ଥ-ଡ଼ାହାଣ ବ୍ରତେକ ଯେ ସେ ଦେଶ ଦକ୍ଷିଣ ପିଂଗଳି ପଡ଼ା। ଉଧମୁଖ  ହୋଇଂ ଯାହା ରସ ଖାଇଲେ ଅଙ୍ଗେ ଚନ୍ଦ୍ର ରହଇଂ। ଆକାସେ ଅମୃତ ଝରଇଂ। ଅବନା ଗମନ ନାମଂ ନ ରହଇଂ। ଆନ ଘରେ ବାହାରଇଂ। କାଉଂରି ମଣ୍ଡଳେ ବିନ୍ଦୁ ରହଇଂ। ପିତୁଳିର ଦୃଷ୍ଟି ନ ଖସଇ  ମନ ଯେ ସେ ହସ୍ତୀ ଲୁଚି ଯାଇ। ଯେହାକୁ ଅଖଣ୍ଡ ବିନ୍ଦୁ ସମାଦି ବୋଲି।

ସର ବଢିଲେ ପବନ ଯେ ରହଇ
ଉର୍ଧରେ ଖାଇ ନାରି ଶୋକେ
ସେ ଯୋଗୀ ମହା ସିଦ୍ଧ।୧୬।

ଅର୍ଥ-ଇଅଂଳା ଯେ ଦୃଷ୍ଟି। ପିତୁଳା ପଶେ ନାସିକା ପବନ ସେ ଯେ ପାଇଂ। ଇଅଂଳା ପିଅଂଳା ଯେ ସେ ଉର୍ଧମୁଖେ ଉଠିଲେ ମହାରସ ଯେ ସେ ଗଗନ ମଣ୍ଡଳକୁ ଯାଇଂ। ବିନ୍ଦୁଂ ଘରେ ଇଅଂଳା ପିଅଂଳା ରହିଲେ ୟେହାକୁ ଅବନା ସମାଦି ବୋଲିଂ। ୟେ ମନପବନ ୟେକ ହୋଇଲେ କାୟା ବସଇଟି।

ଗଗନ ଅଭ୍ୟାନ୍ତଂର ନିରନ୍ତର
ମନ ତହିଂକି ରହେ ଅଗୋଚର
ମତ ବିବର୍ଜିତ ସଦଗୁରୁ କହିଂ।
ୟେ ରସେ ରସିଲେ ଗ୍ୟାନକୁ ଲଭଇ।୧୭।

ଅର୍ଥ-ଗଗନ ଯେ ସେ ଚକ୍ଷୁଟି। ଅଭିନ୍ନ ୟେସେ ସହସ୍ରଦଳ କମଳଟି। ମନବୁଧି ଚଇତନ୍ୟଂ ୟେ ପରମହଂସ। ଘରେ ରହିଲେ ୟେହାକୁ ପରମଂ ଯୋଗ ସମାଦି ବୋଲିଟି।

ୟେସନେ କେ ପବନଂ ପବନା ନ ରହଇଂ ନୀର
ତେସନେ କମଳ ପବନ ଘର ।
ସମାକ୍ଷର ସମ କରି ଜାଣେ
ତେବେ ପିଣ୍ଡଂର କାରଣ ପରମାଣେଂ।୧୮।

ଅର୍ଥ-ମନ ବଗ ୟେସନ। ମାଛ ଯେ ସେ ପବନ। ନୀର ୟେସନେକ ବିନ୍ଦୁଂ। ମନ ପବନକୁ ଲୟେ କଲେ। ବଗ ମାଛ ନୀରେ ତିନିହେଂ ବିବର୍ଜିତ ହୁଅନ୍ତି। ୟେହାକୁ ସହଜ ଯୋଗ ସମାଦି ବୋଲିଂ।

କେବଣ ଚକ୍ରେ ଲାଗଇ ସମାଦି
କେବଣ ଚକ୍ରେ ଲାଗଇଂ ସୁସ୍ୱାଦ
କେବଣ ଚକ୍ର ନ ଆସଇ ମନ
କେବଣ ଚିତ୍ରେ କହଇଂ ପବନ।୧୯।

ଅର୍ଥ-କଣ୍ଠ ଚକ୍ର ସମାଦି ଲଗାଇ ସୁସ୍ୱାଦେ। ଶ୍ରୁତିଚକ୍ର ଧ୍ୱନି ସୋଦନଂ। ନାସା ଚକ୍ରେ ବହଇଂ ପବନ। ଗଗନ ଯେ ବୋଇଲୁ ସେ ଧ୍ୱନି ନିରନ୍ତରେ ଗଗନ। ଯୋତି ଉଦୟ କଲେ ୟେହାକୁ ଗଗନରକ୍ଷ ସମାଦି ବୋଲି।

କଚରି ଝଲକମ ନୃପତି ଢାଲେ
ଖିଅକା ଘୋର ଘୋର  ନୁହଁଇଂ ମୃତୀ
ଲମ୍ବ ନୁହଇଂ ମୋଟ ନୁହଇଂ କାୟା
ରେଖ ନାହିଁ ରୂପ ନାହିଁ ଖଣ୍ଡି ନାହିଁ ମାୟା
ଗନ୍ଧ ବ୍ୟାପିତ ଯେକଇ କାୟା
ତୁଳାହୁଂ ଉଶ୍ୱାସ ତିନି ଭୁବନେ ମାୟା ।
ବାଳ ଅର୍ଧ ପ୍ରମାଣେଂ ସରୁଆଂ ।
ନିଦ୍ରା ପରଚେ ନାହିଂ ତୁଟେ ଉର୍ମ ମାୟା ।୨୦ ।

ଅର୍ଥ-ଅହନିଶି ବରଷେ ସେ ଚକ୍ଷୁଟି । ସେ ନିରଂଜନ ଶୂନ୍ୟଟି । ବେନି ଚକ୍ଷୁ ଥିର କଲେ ସାଂଗେ ଉଜାଗର କରି ଲୟେ କଲେଂ  ପରମ ପୁରୁଷକୁ ଭେଟ ପାଇଟି  । ସିସୁମୁନା ଗ୍ୟାନ ଯେଟି । ଅନେକ ଜନ୍ମର ଦୁର୍ଗତି ଫିଟାଇବ । ଶ୍ରୀଗୁରୁ ବଚନେ ଥିଲେଟି । ଗୋରେଖନାଥଙ୍କର ଦୟା କରଇଂ ଛାୟା । ତାଦୁତ କରି ସଦ୍‌ଗୁରୁ ବଚନେଂ ।ଚୈତନ୍ୟ ରହି ଯାଇଂ ନୟନେ ।

ଝିମିଝିମି ବରଷା ମରିଯାଉଂ ମାଛ
ଯେ ତତ ଜାଣିଲେ ମରଣହିଂ ମିଛ
ଓଁ ରଜ ଓଁ ବିଜ ଯେ ବେନି ଅକ୍ଷର ଭଜନ
ବେନି ଅକ୍ଷରୁ ନାହିଂ ଆଉ ସଦଗୁରୁ କହିଲେଂ ପରମ ତତ ।୨୧ ।
ଆଉମାନ ସଂସାରମତ
ଶ୍ରୀକୃଷ୍ଣ କହିଲେ ଯୁଜେଷ୍ଠି ଅଗ୍ରତେ ।୨୨ ।
ରାମ ନାମଂ ଯେ ଦୁଇ ଗୋଟି ଅକ୍ଷର
ଯେହା ଚିହ୍ନିଲେ ନାହିଂ ଜପମନ୍ତ୍ର ।୨୩ ।
ନାହିଂ ସ୍ନାହାନ ସନ୍ଧ୍ୟା ନାହିଂ ତର୍ପଣ ନାହିଂ ଶୁଚି
ଗୁରୁ ମୁଖେ ନାହିଂ ପୁଚ୍ଛି  ।୨୪ ।
ଯେହା ଯେ ଦୃଢ କରି ଧରଇ
ତାକୁ ସେ ବୋଲି ଅଚୁତ ଗୋତ୍ରୀ
ତାହାର ନାହିଂ ନାନା ବାରବ୍ରତ

ଯେ ନାମ ଧରଇଂ ହୁଅଇଂ ମୁକତ ।୨୫।
ବେଶ୍ୟାଘରେ ବ୍ରାହ୍ମଣ ମୁକତ
ଯହିଂ ଉତ୍ପତ୍ତି ଦେଖାଇ ନାମ ଯାର
ଅନନ୍ତଂ ନାହିଂ ତାହାର ଅନ୍ତ ।
ଆତ୍ମା ପରଚେ ସଦା ଜୟେ ସମ୍ପୂର୍ଣ୍ଣ ।
ଇତି ଶ୍ରୀ ସିସୁବେଦ ଗୁରୁ - ଶିଷ୍ୟ ସମ୍ବାଦେ
ଶ୍ରୀ ସିସୁବେଦ ସମ୍ପୂର୍ଣ୍ଣ ହୋଇଲେଂ ।

## ୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

୧. ଗଦ୍ୟ-ପଦ୍ୟାତ୍ମକ ରଚନା ଭାବରେ ସିସୁବେଦର ଲିଖନଗତ କଳାର ବୈଶିଷ୍ଟ୍ୟ ନିରୂପଣ କର ।

୨. ପ୍ରାଚୀନ ଓଡିଆ ସାହିତ୍ୟ ଭାବରେ ଭାରତୀୟ ସାହିତ୍ୟରେ ଏହାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କର ।

୩. ନାଥ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ଭାବରେ ସିସୁବେଦ ବିଷୟବସ୍ତୁର ମୌଳିକତା ଦର୍ଶାଅ ।

**(ଖ) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ।**

୧. ସିସୁବେଦ ନାମକରଣର ସାର୍ଥକତା ପ୍ରତିପାଦନ କର ।

୨. ଧର୍ମ ଓ ଶରୀରଭେଦ ମୂଳକ କଳ୍ପନାର ଅପୂର୍ବ ସମନ୍ୱୟତା ସିସୁବେଦର ବିଶେଷତ୍ୱ- ସଦୃଷ୍ଟାନ୍ତ ପ୍ରମାଣ କର ।

୩. ସିସୁବେଦ ରଚନାକାଳ ନିର୍ଣ୍ଣୟ କର ।

## ୨.୭ ସହାୟକ ପୁସ୍ତକସୂଚୀ


- ମହାନ୍ତି, ବଂଶୀଧର, (୧୯୬୮), *ଓଡିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ* , ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ ।

# ତୃତୀୟ ଏକକ : କଳସା ଚଉତିଶା

ବିଷୟ ଗଠନ :


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୩.୧ ବଚ୍ଛା ଦାସଙ୍କ 'କଳସା' ଚଉତିଶା

୩.୩.୨ ଭାଷା ଓ ଧର୍ମ ଦୃଷ୍ଟିରୁ କଳସା ଚଉତିଶା

୩.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୭ ସହାୟକ ପୁସ୍ତକ ସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଅକ୍ଷର ନିୟମ ଅନୁସାରେ ରଚିତ କଳସା ଚଉତିଶା ଓଡିଆଭାଷାର ପ୍ରାଚୀନ ସାହିତ୍ୟ ଭାବରେ ଏକ ଅମୂଲ୍ୟ ସମ୍ପଦ। କେବଳ ସୁଖପାଠ୍ୟ ନୁହେଁ, ଓଡିଶୀ ସଂଗୀତର ପ୍ରାଚୀନ ପରମ୍ପରା ସମେତ ବିଷୟ ବିନ୍ୟାସ ଓ କାବ୍ୟିକଚ୍ଛଟା ଏହି ରଚନାକୁ କରିଛି ସର୍ବାଧିକ ଲୋକପ୍ରିୟ। ଏହା ସହିତ ସମାଜ ଜୀବନ ଓ ଧର୍ମ ପରମ୍ପରା ଦୃଷ୍ଟିକୋଣରୁ ମଧ୍ୟ ଏହି ସାହିତ୍ୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ବୋଧହୁଏ ଏହି କାରଣରୁ ପରବର୍ତ୍ତୀ ସମୟର ପ୍ରାୟ ସମସ୍ତ ଲୋକପ୍ରୀୟ ରଚନାବଳୀରେ କଳସାର ନାମୋଲ୍ଲେଖ ଦେଖିବାକୁ ମିଳେ। ସୁମଧୁର ସଂଗୀତର ମୂର୍ଚ୍ଛନାଦ୍ୱାରା ବ୍ୟଙ୍ଗାତ୍ମକ ଶୈଳୀରେ ଓଡିଶାର ସାମାଜିକ ରୀତିନୀତି ଓ ମାନବୀୟ ପ୍ରକୃତିକୁ ପାଠକ ତଥା ଶ୍ରୋତା ନିକଟରେ ଉପସ୍ଥାପନା କରିବାର ଅଭିନବ ଶୈଳୀ ଏହି କବିତାରେ ଦେଖିବାକୁ ମିଳେ। କବିଙ୍କ ଏହି ଲେଖକୀୟ କୃତିତ୍ୱ ଅନୁଶୀଳନ ମାଧ୍ୟମରେ ଏହାର ସାମାଜିକ ପ୍ରଭାବ ଅନ୍ୱେଷଣ କରିବାର ଆବଶ୍ୟକତା ଅଛି।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଶେଷରେ ଆପଣ ଜାଣିବାକୁ ପାଇବେ:-

- ଚଉତିଶା ସାହିତ୍ୟର ପରିଚୟ।
- ପ୍ରାଚୀନ ଓଡ଼ିଆ କବି ଓ କବିତା।
- ପ୍ରାଚୀନ ଓଡ଼ିଆ ସାହିତ୍ୟରେ କଳସା ଚଉତିଶାର ସ୍ଥାନ।

## ୩.୩ ବିଷୟ ପ୍ରବେଶ

ଓଡ଼ିଆ ଗୀତି ସାହିତ୍ୟର ବିବିଧ ବର୍ଣ୍ଣାଢ଼୍ୟ ରୂପ ମଧ୍ୟରୁ ଚଉତିଶା ଏକ ଅତି ଲୋକପ୍ରିୟ ପଦ୍ୟରୂପ। ଏହାକୁ ଓଡ଼ିଆ ସାହିତ୍ୟର ପ୍ରାଚୀନତମ ପଦ୍ୟରୂପ ଭାବରେ ସାଧାରଣତଃ ଗ୍ରହଣ କରାଯାଇଥାଏ। ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସ ସାରଳାଙ୍କ ବର ପାଇ ସ୍ୱୀୟ ବିଶାଳ ମହାଭାରତ ରଚନା ପୂର୍ବରୁ ବିଲରେ ହଳ କରୁଥିବାବେଳେ କୌଣସି ଏକ ଚଉତିଶା (ମନାଇ ବା କହ୍ନାଇ) ଗାନ କରୁଥିବା କିମ୍ବଦନ୍ତୀ ରହିଆସିଛି। ପ୍ରାଥମିକ ଯୁଗର କାବ୍ୟ ପ୍ରଣେତାମାନେ ମଧ୍ୟ ଅଧୁନା ଅନୁପଲବ୍ଧ କେତେକ ଚଉତିଶାର ବାଣୀରେ ସେମାନଙ୍କ କାବ୍ୟର ଛାନ୍ଦଗୁଡ଼ିକୁ ଗାନ କରିବାପାଇଁ ନିର୍ଦ୍ଦେଶ ଦେଇଯାଇଥିବା ଏକାନ୍ତ ଉଲ୍ଲେଖଯୋଗ୍ୟ।

**'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଓଡ଼ିଆ ବର୍ଣ୍ଣମାଳାର ଚଉତିରିଶଟି ବ୍ୟଞ୍ଜନକୁ ପ୍ରତ୍ୟେକ ପଦ ବା ପାଦର ଆଦ୍ୟରେ କ୍ରମାନ୍ୱୟରେ ବିନ୍ୟାସ କରି ଯେଉଁ ଗୀତିକାବ୍ୟ ସୃଷ୍ଟି କରାଯାଏ ତାହା ଚଉତିଶା ରୂପେ ପରିଗଣିତ।** ଏହାର ଅନ୍ୟ ଏକ ଅନୁରୂପ ରଚନା 'ଷୋଡ଼ଶା'। ଏଥିରେ ଷୋହଳଟି ସ୍ୱରବର୍ଣ୍ଣନକୁ ଅନୁରୂପ ଭାବେ ସଜାଇ ରଚନା କରାଯାଇଥାଏ। ଓଡ଼ିଆ ସାହିତ୍ୟରେ ଚଉତିଶାର ସଂଖ୍ୟା ପ୍ରଚୁର। ସାରଳାଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଚଉତିଶା ରଚନାର ବଳିଷ୍ଠ ପରମ୍ପରା ଏ ମାଟିରେ ରହିଆସିଛି। ଚଉତିଶାର ଏହି ଲୋକପ୍ରିୟତା ଯୋଗୁଁ ସମୟକ୍ରମେ କବିମାନେ ଏହାର ରୂପକୁ ଅଧିକ ବୈଚିତ୍ର୍ୟମଣ୍ଡିତ କରିବା ନିମିତ୍ତ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଆସିଛନ୍ତି। ଫଳରେ ଚଉତିଶାର ସରଳତମ ରୂପ ଅଧିକ ଜଟିଳ, ବିଚିତ୍ର ଓ ଅଳଂକୃତ ହୋଇଉଠିଛି। କେହି କେହି 'କ'ଠାରୁ 'କ୍ଷ' ପରିବର୍ତ୍ତେ 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣ କ୍ରମାନ୍ୱୟରେ ସଜାଇ **ଓଲଟ ଚଉତିଶା** ରଚନା କଲାବେଳେ ଅନ୍ୟ କେହି ପାଦର ଶେଷ ଅକ୍ଷରଗୁଡ଼ିକୁ ଚଉତିଶା ନିୟମରେ ସଜାଇବାପାଇଁ ଚେଷ୍ଟା କରିଛନ୍ତି। ପୁଣି ଅନ୍ୟ କେତେକ କବି ବିଭିନ୍ନ ରାଗରେ ତ୍ରିରାଗ, ସପ୍ତରାଗ, ଚଉତିଶା ସୃଷ୍ଟି କରିଥିବା ଲକ୍ଷ୍ୟ କରାଯାଏ। କେତେକ ଚଉତିଶାରେ ପ୍ରତ୍ୟେକ

ପାଦର ଆଦ୍ୟରେ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର କ୍ରମିକତା ରକ୍ଷା କରାଯାଇଥିବାବେଳେ ଅନ୍ୟ କେତେକର ପାଦ ବା ଶବ୍ଦର ଆଦ୍ୟରେ ଏହି ନିୟମର ପ୍ରୟୋଗ ଦେଖିବାକୁ ମିଳେ। ସେହିପରି **'ମେଷଯୁଦ୍ଧ ଚଉତିଶା'** ଏହାର ଅନ୍ୟ ଏକ ବିଚିତ୍ର ରୂପ। ଏଥିରେ କ, କ୍ଷ, ଖ, ହ କ୍ରମରେ ବର୍ଣ୍ଣ ବିନ୍ୟାସ କରାଯାଇଥାଏ। ଏତଦ୍‌ବ୍ୟତୀତ ଶବ୍ଦ, ପଦ, ପାଦ, ଛନ୍ଦ, ଅଳଙ୍କାର ଦୃଷ୍ଟିରୁ ଏହାର ବହୁବିଧ ରୂପ କବିମାନଙ୍କଦ୍ୱାରା ପରିକଳ୍ପନା କରାଯାଇଛି।

କେବଳ ଆଙ୍ଗିକ ନୁହେଁ ବିଷୟବସ୍ତୁ ଦୃଷ୍ଟିରୁ ମଧ୍ୟ ଏହା ଅତୀବ ବୈଚିତ୍ର୍ୟମୟ। ଦର୍ଶନ ବା ଯୋଗର ଗୂଢ଼ତତ୍ତ୍ୱଠାରୁ ଆରମ୍ଭ କରି ନାୟକ ନାୟିକାଙ୍କ ପ୍ରଣୟ ଭାବନା, ପୌରାଣିକ ଆଖ୍ୟାନ, ସାମାଜିକ ସମସ୍ୟା, ନୀତି ଉପଦେଶ, ଭକ୍ତିଭାବନା, ଏପରିକି ଗଣିତ, ଜ୍ୟୋତିଷ ପ୍ରଭୃତି ମଧ୍ୟ ଏହାର ବିଷୟବସ୍ତୁ ମଧ୍ୟରେ ଅନ୍ତର୍ଭୁକ୍ତ। ବିଷ୍ଣୁଦାସ, ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ପ୍ରମୁଖ ବରେଣ୍ୟ କବିମାନଙ୍କଠାରୁ ଆରମ୍ଭକରି ସାଧାରଣ କବି ପର୍ଯ୍ୟନ୍ତ ସମସ୍ତେ ଚଉତିଶା ରଚନାରେ ଲେଖନୀ ଚାଳନା କରିଯାଇଛନ୍ତି। ଏପରି କି ବିଶିଷ୍ଟ କବିଗଣ ସେମାନଙ୍କର କାବ୍ୟର କେତେକ ଛାନ୍ଦକୁ ଏହି ନିୟମରେ ରଚନା କରିଥିବା ଦେଖାଯାଏ। ଏସବୁ ଦୃଷ୍ଟିରୁ ଚଉତିଶାକୁ ଓଡ଼ିଆ ଗୀତିସାହିତ୍ୟର ସର୍ବଶ୍ରେଷ୍ଠ ଓ ସର୍ବଜନପ୍ରିୟ ସମ୍ପଦ ରୂପେ ବିବେଚନା କଲେ ଅସଙ୍ଗତ ହେବ ନାହିଁ। ଓଡ଼ିଆ ଭାଷାରେ ରଚିତ ଅସଂଖ୍ୟ ଚଉତିଶା ମଧ୍ୟରୁ ଲୋକପ୍ରିୟ କଳସା ଚଉତିଶା ଅନ୍ୟତମ।

## ୩.୩.୧ ବଚ୍ଛା ଦାସଙ୍କ 'କଳସା' ଚଉତିଶା

ଚଉତିଶା ମଧୁଚକ୍ରରେ ଏହାର ସମ୍ପାଦକ କଳସା ଚଉତିଶା ପ୍ରସଙ୍ଗରେ ଲେଖିଛନ୍ତି, *''କୌଣସି ଜୀର୍ଣ୍ଣ ଅଙ୍ଗ ପୋଥି ମଧ୍ୟରୁ ଏ ଚଉତିଶା ପ୍ରାପ୍ତ ହୋଇଥିଲୁଁ। କଳସା ବାଣୀରେ ଗାଇବ ବୋଲି କେତେକ ଛାନ୍ଦ ଉପରେ ଲେଖା ହୋଇଥାଏ; କିନ୍ତୁ କଳସା ଗୀତ କ'ଣ ଜାଣିବାର ଉପାୟ ନ ଥାଏ। ଏହିପରି ଅନେକ ବାଣୀର ନାମ ଦେଖାଯାଏ; କିନ୍ତୁ ସେଗୁଡ଼ିକର ମୂଳ ଗୀତ ମିଳେ ନାହିଁ। × × × ଯାହା ହେଉ କଳସା ମୂଳ ଗୀତ ମିଳିଲା। ଅନ୍ୟାନ୍ୟ କେତେକ ବାଣୀର ମୂଳ ଗୀତ ମଧ୍ୟ ମିଳିଛି। ରସକୁଲ୍ୟା ବା ରସକୋଇଲା ବାଣୀର ମୂଳ ଗୀତ ମଧ୍ୟ ଏ ଭାଗରେ ସନ୍ନିବେଶିତ ହୋଇଅଛି। କଳସା ଗୀତ ଅତି ପୁରାତନ। ପ୍ରମାଣ ମିଳିଅଛି, ସାରଳା ଦାସଙ୍କ ମହାଭାରତଠାରୁ ମଧ୍ୟ ଏହା ଅଧିକ ବୟସ୍କ।''* **(ଚଉତିଶା ମଧୁଚକ୍ର ଚତୁର୍ଥ ଖଣ୍ଡ, ପୃ-୭୯)**

ପ୍ରାଚୀନ ଗଦ୍ୟପଦ୍ୟାଦର୍ଶର ମୁଖବନ୍ଧରେ 'ବେଦମନ୍ତ୍ର ଯୁଗତେ ଯେ ପଢ଼ନ୍ତି କଳସା। ବଶିଷ୍ଠ, ମାରକଣ୍ଡ ଆବର ଦୁର୍ବାସା।' ସାରଳା ମହାଭାରତରେ ଏହି ପଦଟି ଉଦ୍ଧାର କରାଯାଇ କୁହାଯାଇଛି ଯେ ମହାଭାରତରେ 'କଳସା' ଶବ୍ଦର ଉଲ୍ଲେଖ ଯୋଗୁଁ ଠିକ୍ କରାଯାଇପାରେ ଯେ କଳସା ଚଉତିଶା ମହାଭାରତ ପୂର୍ବରୁ ବା ଚତୁର୍ଦ୍ଦଶ ଶତାବ୍ଦୀର ରଚନା। ପ୍ରତ୍ୟେକ ସାହିତ୍ୟ ପରି ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ ଅନେକ କିଛି କ୍ଷୁଦ୍ର ଧରଣର ରଚନା, କବିତା, ସଙ୍ଗୀତ ପ୍ରଭୃତି ଲୋକମୁଖରେ ତଥା ସାହିତ୍ୟରେ ପ୍ରଚଳିତ ଥିବା ସୁନିଶ୍ଚିତ, କିନ୍ତୁ

ସେ ସବୁର ସନ୍ଧାନ ଆଜି ମିଳେ ନାହିଁ।

କଳସା ଚଉତିଶାର ବିଷୟବସ୍ତୁ ସାରଳା ମହାଭାରତରେ ବର୍ଣ୍ଣିତ ବିଷୟ ସହ କିଛି ପରିମାଣରେ ମେଳ ଖାଉଛି। ସାରଳା ମହାଭାରତର ଚନ୍ଦ୍ରାବତୀ ଓ ଶାମ୍ବକୁମରଙ୍କର ପରିଣୟ ବର୍ଣ୍ଣନା ପ୍ରସଙ୍ଗରେ ବଶିଷ୍ଠ, ମାର୍କଣ୍ଡ ପ୍ରଭୃତି ମୁନିଗଣ ବେଦମନ୍ତ୍ର ସହିତ କଳସା ଗାନର ଅବତାରଣା କରିଛନ୍ତି। ଏହି ପରିଣୟ ସମ୍ବନ୍ଧୀୟ ବିଷୟ ସାରଳା ଦାସ ରଚନା କରିବାବେଳେ ଠିକ୍ ସେହି ପରିଣୟ ସମ୍ବନ୍ଧୀୟ ଲୋକପ୍ରିୟ 'କଳସା ଚଉତିଶା'ର ସୁମଧୁର ମିଳନ ଦୃଶ୍ୟ ତାଙ୍କର କଳ୍ପନା ପଟରେ ଝଲସି ଉଠିଛି ଏବଂ କବିଲେଖନୀ ବେଦମନ୍ତ୍ର ସହିତ କେବଳ 'କଳସା' ନାମୋଲ୍ଲେଖ ନ କରି କଳସା ଚଉତିଶାର ଭାବଧାରାକୁ ମଧ୍ୟ ସ୍ଥାନବିଶେଷରେ ଗ୍ରହଣ କରିଛନ୍ତି।

## କଳସା ଚଉତିଶା

### ବଚ୍ଛା ଦାସ

କହନ୍ତି କାମିନୀ ଶୁଣ ହେମନ୍ତ ଦୁଲଣି    କାହୁଁ ବରେ ବରିଲେ ତୁମ୍ଭର ପିତାମଣି
କୁଳ ମୂଳ ଗୋତ୍ର ଆଦି ନାହିଁ ଜାଣ ତା'ର    କନକ ବେଦୀରେ ବୁଢ଼ା ବସିଛି ମଧ୍ୟର    ।୧।
ଖୁଁ ଖୁଁ ଖାସ ସାହାସେଣ ପେଲୁଅଛି ଧଇଁ    ଖରନିଶ୍ୱାସ ବୁଢ଼ାର ମାଥ ଲାଗେ ଭୂଇଁ
ଖଣ୍ଡିଆ ଯୋଗୀର ସଙ୍ଗେ ନାହିଁ ଯାନ ତା'ର    ଖଣ୍ଡିଆ ବଳଦ ବୁଢ଼ା ବାନ୍ଧିଛି ପାଖର    ।୨।
ଗୋଡ଼ ହାତ ଷଣଫୁଲ ଗଳୁଛି ନୟନ    ଗଣ୍ଡସ୍ଥଳେ ଲମ୍ବଇ ମୁଦୁରା ଦରଶନ
ଗ୍ୟାନଭ୍ରଷ୍ଟ ହୋଇଲାଣି ଭେବଳ ତା ମତି    ଗୁଣ ଲକ୍ଷଣ ବୁଢ଼ାର ନାହିଁ ତଥିଗତି    ।୩।
ଘର ତା'ର କେବଣ ଦେଶର ତଥ୍ୟ ନାହିଁ    ଘଟାଇଲା ବିହି ଆଣି ଏମନ୍ତ କରାଇ
ଘଟ ଘଟ ହୋଇ ଲାଳ ବହୁଛି ତୁଣ୍ଡର    ଘନଜଟା ଲୋଟାଏକ ବାନ୍ଧିଛି ମୁଣ୍ଡର    ।୪।
ନ ଚିହ୍ନଇ ମନୁଷ୍ୟ ସେ ନ ଦେଖେ ନୟନ    ନିକଟେ ଡାକିଲେ ନ ଶୁଣେ ତା ବେନିକର୍ଣ୍ଣ
ନଖ ମୁଖ ଚକ୍ଷୁ ସ୍ଥାନ ପଶିଲା ଭିତର    ନୂଆ ଖଣି ଖଣା ପ୍ରାଏ ଦିଶୁଛି ଉଦର    ।୫।
ଚର୍ମେକ ମାଡ଼ିଣ ବୁଢ଼ା ବସିଛି ମଧେଣ    ଚଉପାଶେ ବେଢ଼ିଛନ୍ତି ଦେବତା ବ୍ରାହ୍ମଣ
ଚକୋରା ବୁଢ଼ାକୁ ଦେଖି ଚକିତ ହୋଇଲୁ    ଚିନ୍ତା ସାଗରରେ ସଖି ! ନିଶ୍ଚୟ ବୁଡ଼ିଲୁ    ।୬।
ଛିନ୍ନଅଙ୍ଗେ ଛିଣ୍ଡାଗନ୍ଥା ଲାଗିଛି ତାହାର    ଛାର ପାଉଁଶ ଲୋଟାଏ ଲେପିଛି ଶରୀର

ଛନ୍ଦିଅଛି ସର୍ପମାଳି ମୁଣ୍ଡେ ଆଭରଣ  ଛଟକେ ଭେଳିକି ବୁଢ଼ା ଲଗାଇଲା ଜାଣ  । ୭ ।
ଜଙ୍ଗମକୁ ପ୍ରାପତ ହୋଇଲୁ ଚନ୍ଦ୍ରମୁଖି !  ଯାହା ତୋର କପାଳରେ ବିହି ଅଛି ଲେଖି
ଯୁବାକାଳେ ଯଉଁ ଯୋଗ ଭୁଞ୍ଜିବୁ ନା ଯାହା  ଜାଣୁ ଜାଣୁ ଜଙ୍ଗମ ଗୋଟାକୁ ହେଲୁ ବାହା  । ୮ ।
ଝୁମୁଝୁମୁ ବାଜି ଘଣ୍ଟି ଘାଗୁଡ଼ି ଲୋଚାଏ  ଝମକୁଣ ଅଛି କରେ ତ୍ରିଶୂଳ ଗୋଟାଏ
ଝୁଲିହୋଇ ଝିଙ୍କି ହୋଇ ପଡୁଛି ଢୁଳାଇ  ଝିଅକି ନାତୁଣୀ ପ୍ରାୟେ ଦିଶିବୁ ଗୋ ତୁହି  । ୯ ।
ନିସତେଣ କହେ କଥା ନିକୁଟିଣ ଦାନ୍ତ  ନ ଆସଇ ବାଣୀ ତା'ର ଦୁହିଁ ହୁଏ ଅନ୍ତ
ନିଶ ଦାଢ଼ି ରୁଚି ତାକୁ ନ ମିଳେ ଭଣ୍ଡାରୀ  ନିଶାକାଳେ ଯେ ଦେଖିଲେ ଭୟେ ଡରିପାରି  । ୧୦ ।
ଟଳଟଳ ହୋଇ ଟେକି ବସି ନ ପାରଇ  ଟାକୁଆ ଗାଲ ପାକୁଆ ଦାନ୍ତ ଆଦି ନାହିଁ
ଟକ ଟକ ହୋଇ ତା ଲାଗଇ ବେନି କର୍ଣ୍ଣ  ଟାକରା ନିର୍ମାଖି ସେ ଅଛି ତ ଅପାବନ  । ୧୧ ।
ଠୁଳ କରିଥିବା ଭିକ୍ଷା ମାଗିବାର ଧନ  ଠକିଥିଲା ନେବି ବୋଲି ହେମନ୍ତ ରାଜନ
ଠକର ସ୍ୱଭାବ ସେ ଗୋ ଲଗାଇଲା ଆଣି  ଠାବେ ହେତୁ ନାଶଗଲା ହେମନ୍ତ ଦୁଲଣୀ  । ୧୨ ।
ଡାକିଏ ବଜାଉଅଛି ଥାଳେକ ଝୋଲିର  ଡିଙ୍ଗର ଡାଙ୍ଗୁଆ ଘେନି କରିବୁ ଗୋ ଘର
ଡମ୍ବରୁଧରକୁ ସେବା କଲୁ ପରିମାଣି  ଡିଙ୍ଗର ବର ପାଇଲୁ ଦେଲେ ଶୂଳପାଣି  । ୧୩ ।
ଢୋର ତପୁସିକି ମାଗୋ ବଳାଇଲୁ ଚିତ୍ତ  ଢୋକରା ଯୋଗୀକି ମାଗୋ ହୋଇଲୁ ପ୍ରାପତ
ଢମାଳି ନ କର ମୁଁ ଯେ କହୁଅଛି ସତ  ଢାଳେ ହେତୁ ନାଶଗଲା ହେମନ୍ତ ଦୁହିତ  । ୧୪ ।
ଅଣାଇଲେ ରାୟେ କାହୁଁ ବରେକ ବରିଣ  ଅଣ ମନୁଷ୍ୟ ଯେ ସେ ଅଛି ତ ଅପାବନ
ଅଣଖ ସାରିଲେ ମାଏ ଝିଏ ଦୁହେଁ ହୋଇ  ଅଣ ଉହାଡ଼ରେ ଶୀଘ୍ରେ ଦେଖାଇଲେ ନେଇ  । ୧୫ ।
ତୀକ୍ଷ୍ଣ ଶରବର ବାଳୀ ବାଜିଲା ହୃଦର  ତଡ଼ିତେ ପଡ଼ିଲା ଢଳି ନିଜେ ତା ମନ୍ଦିର
ତକ୍ଷଣେ ତୋଳି ଧଇଲେ ତାହାଙ୍କର ଦାସୀ  ତୁରିତେ ମିଳିଲେ ମାଏ କତିରେ ତା ଆସି  । ୧୬ ।
ଥରହର କରି ମାଏ ବୋଲନ୍ତି ବଚନ  ଥିରକର ମନ ମାଗୋ ! ନୁହଁ ଅଚେତନ
ଥିଲା ଏତେକାଳେ ମୋର ଦୁଲଣା ହୋଇଣ  ଥନ ଯଉବନ କାଳେ ଦେଉଛି ଜୀବନ  । ୧୭ ।
ଦଇନି କରି କହୁଛି ଶୁଣ ମୋର ମାଏ  ଦନ୍ତେ ତିରଣ ଧରିଣ ଓଳଗଇ ପାୟେ
ଦରିଦ୍ର ହୀନ ବୁଢ଼ାକୁ ଯେବେ ମୋତେ ଦେବୁ  ଦୁଇ ନୟନରେ ମୋର ମରଣ ଦେଖିବୁ  । ୧୮ ।
ଧରାଧରି ହୋଇ ମାଏ ଝିଅ ବୋବାଇଲେ  ଧାଇ ମୃଦୁସୁଲୀମାନେ ଚହଳ ପାଇଲେ

| | | |
|---|---|---|
| ଧାଇଁଆସି ତତ୍‌କ୍ଷଣେ ମିଳିଲେ ରାଜନ | ଧର୍ମ ପୁଣ୍ୟକାଳେ କିମ୍ପା କରୁଛ ରୋଦନ | । ୧୯ । |
| ନାହିଁ କି ସଂସାର ମଧ୍ୟେ ରାଜାର କୁମର | ନିର୍ଲଜ ବୁଢ଼ାକୁ ସୁନ୍ଦରୀ କି କଲ ବର | |
| ନୋହିଲେ ବୁଡ଼ିବୁ ମାଏ ଝିଏ ଦୁହେଁ ହୋଇ | ନୋହିଲେ ମରିବୁ ସ୍ୱହସ୍ତରେ ବିଷ ଖାଇ | । ୨୦ । |
| ପଟ ଘେନି ମାଣିକ୍ୟ ମୁକୁତାଗୁନ୍ଥା ନାହିଁ | ପୋଡୁ ପୋଡୁ ଜୀବନ ପବିତ୍ର ରାଜା ହୋଇ | |
| ପିଅର ଜନନୀ ତୁମ୍ଭ ଜୀବନ ଧିକ ତ | ପାକୁଆ ବୁଢ଼ାକୁ ନେଇ ଘେନି ଲୋଡ଼ ବିତ୍ତ | । ୨୧ । |
| ଫରମାଣ ଦେଇଛନ୍ତି ହେମନ୍ତ ରାଜନ | ଫାଇ କେତେ କହିବା ଗୋ ସେହୁ ବଡ଼ଜଣ | |
| ଫଳେଣ ଜାଣିବା ପଛେ ତାହାଙ୍କର ଗୁଣ | ଫରସେ ସେବିଲେ ଗୌରୀ ପାଇବ କାରଣ | । ୨୨। |
| ବିଚାର ନକର ମାଏ ଝିଏ ଦୁହେଁ ତୁମ୍ଭେ | ବିକଳ ମନରୁ ଛାଡ଼ କହୁଅଛୁଁ ଆମ୍ଭେ | |
| ବ୍ରହ୍ମା ବିଷ୍ଣୁ ଦେବତାଏ ଛନ୍ତି ତାଙ୍କୁ ବେଢ଼ି | ବଡ଼ ଭାଗ୍ୟବନ୍ତ ଗୌରୀ ପୁଣ୍ୟେ ଅଛି ବଢ଼ି | । ୨୩ । |
| ଭାଲପଟେ ଲେଖନ ଯା କରିଛି ବିଧାତା | ଭଲ ଭାଗ୍ୟବନ୍ତ ଗୌରୀ ଆମ୍ଭର ଦୁହିତା | |
| ଭୋଜନର ବେଳେ ରାଣୀ ମିଳିଲାକ ଆସି | ଭିତରେ ମଣୋହି ସଞ୍ଚା ଭିଆଣ କରସି | । ୨୪ । |
| ମହାଦେଇ ମନବ୍ୟଥା ଛଡ଼ାଇ ରାଜନ | ମିଳିଲେ ଯେ ସର୍ବଜନ ବିଭାର ଆସ୍ଥାନ | |
| ମଙ୍ଗଳଣ କଲେ ତହିଁ ହଳଦୀ ଚନ୍ଦନ | ମଙ୍ଗଳ ମହୁରୀ ଶଙ୍ଖ ବାଜେ ଘନ ଘନ | । ୨୫ । |
| ଯୁବତୀ ସକଳ ମିଳି ହୁଳହୁଳି ଦେଲେ | ଜଗମୋହିନୀକି ଦିବ୍ୟ ବେଶ କରାଇଲେ | |
| ଜାଇଫୁଲ କନିଆର ଖୋସାରେ ଖୋସିଲେ | ଯତନେ କସ୍ତୁରୀ ଚିତା କପାଳରେ ଦେଲେ | । ୨୬ । |
| ରତ୍ନ ଓଡ଼ିଆଣି ଚୁଡ଼ି ମଥାରେ ସୀଉନ୍ତି | ରାମ ଅଭିଷେକ ଚୁଡ଼ି ନାସେ ଗଜମୋତି | |
| ରୁଣୁଝୁଣୁ ବାଜୁଅଛି ପୟରେ ନୂପୁର | ରାଜୀବଦଳ ଲୋଚନେ ରଞ୍ଜିଲେ କଜ୍ୱଳ | । ୨୭ । |
| ଲତ ବଳି ପାଦେ ପିନ୍ଧି ନେତେ ଉପୁରାଣ | ଲାବଣ୍ୟ ଚନ୍ଦ୍ରବଦନୀ ଲକ୍ଷେ ଲକ୍ଷ୍ମୀଗୁଣ | |
| ଲବଣ ଚଉଁରୀ ପୂଜା ଆଣି ବଢ଼ାଇଲେ | ଲଳିତେ ମଙ୍ଗଳ ଗୀତ କାମିନୀ ଗାଇଲେ | । ୨୮ । |
| ବ୍ରହ୍ମା ଆଚାର୍ଯ୍ୟ ହୋଇଣ ବେଦୀରେ ବସିଲେ | ବରକୁ ସେ ଜଣେ ଦଶ ତୋଳି ବସାଇଲେ | |
| ବାସବର୍ଗ ବନ୍ଧୁ ବାକ୍ୟ ଅସରଳା ସୂତା | ବସିଲେ କଟମ୍ବାମାଡ଼ି ବାଳୀ ଘେନି ପିତା | । ୨୯ । |
| ଶିରରେଣ ବାନ୍ଧିଲେ ମୁକୁଟ ପଞ୍ଚଶାଖା | ଶୋଇପଡ଼ି ବୁଢ଼ା ଖାସୁ ଖାସୁ ଗଲା ମୂର୍ଚ୍ଛା | |
| ଶାଶୂ ଆଦି ସମସ୍ତେ ହେଁ ବୋବାଳି ଛାଡ଼ିଲେ। | ସଚେତ ପାଇଲା ବୁଢ଼ା ତୋଳି ବସାଇଲେ | । ୩୦ । |
| ସନ୍ତୋଷେ ହସ୍ତ ଯୋଡ଼ିଣ କଲେଣ ସେ ନାରୀ | ସତ୍ୱରେଣ ଦେବତାଏ ଗଲେ ଯେଝା ପୁରୀ | |

| | | |
|---|---|---|
| ସନ୍ତୋଷେଣ ନାରୀ ମିଳି ଜୁଆ ଖେଳାଇଲେ | ସତ୍ୱରେଣ ବରକନ୍ୟା ବେଦୀରୁ ଉଠିଲେ | । ୩୧ । |
| ସମସ୍ତେ ବସିଣ ପଞ୍ଚଗ୍ରାସାଦି ସାରିଲେ | ସହୀ ସଙ୍ଗାତୁଣୀମାନେ ମହୁଶଯ୍ୟା କଲେ | |
| ସୁରଗଣେ ବରକନ୍ୟା କରୁଛନ୍ତି ଭାବ | ଶୋଭା ପାଉଛନ୍ତି ଦୁହେଁ ରତି କାମଦେବ | । ୩୨। |
| ହେମନ୍ତର ରାଣୀ ଦେଖି ସନ୍ତୋଷ ହୋଇଲେ | ହୀନ ପରପଞ୍ଚବେଶ ଯହୁଁ ପକାଇଲେ | |
| ହୋଇଲେ ସନ୍ତୋଷ ଯେ ସକଳ ଲୋକ ଦେଖି | ହାସ୍ୟ କରୁଛନ୍ତି ସହୀ ସଙ୍ଗାତୁଣୀ ଦେଖି | । ୩୩ । |
| ଛଛନ୍ଦେ ଚଉଠିସାରି କାଦ ଖେଳିଗଲେ | ଛ ସାତ ଅଷ୍ଟ ମଙ୍ଗଳା ଉଚ୍ଛବ ସାରିଲେ | |
| କ୍ଷିତିପତି ଠାକୁର ସେ କପିଳାସେ ସ୍ଥିତି | କ୍ଷୁଦ୍ରବୁଦ୍ଧି ବଚ୍ଛାଦାସ କଳସା ପଢ଼ନ୍ତି | । ୩୪ । |

## ୩.୩.୨ ଭାଷା ଓ ଧର୍ମ ଦୃଷ୍ଟିରୁ କଳସା ଚଉତିଶା

'କଳସା ଚଉତିଶା'ର ଭାଷା ହିଁ ଏହାର ପ୍ରାଚୀନତାକୁ ପ୍ରମାଣ କରିଥାଏ । ଏଥିରେ ଯେଉଁ ଶବ୍ଦବିଭବ ଦେଖିବାକୁ ମିଳେ ତାହା ତା'ର ପ୍ରାଚୀନତାର ନିଦର୍ଶନ । ଯେପରି କାଦ (କାର୍ଦ୍ଦମ ଶବ୍ଦଜ) କାଦଖେଳ, ଚକେରା- ଭ୍ରମଣଶୀଳ, ଟାକର-ଚନ୍ଦା, ଢାଙ୍ଗୁଆ-କ୍ଷୀଣ, ପାତଳ, ଢୋର-ତନ୍ଦ୍ରାଳୁ ଢୋକର-ପେଟୁ; ସାହାସେଣ- ଶ୍ୱାସେନ, ଧଇଁସଇଁ ହୋଇ, ହେମନ୍ତ-ହିମବନ୍ତ ଶବ୍ଦର ଅପଭ୍ରଷ୍ଟ (ହେମନ୍ତ ଦୁଲଣୀ) ।

ଏହିସବୁ ଶବ୍ଦ ବ୍ୟତୀତ କଳସା ଚଉତିଶାରେ ଦୁଇଗୋଟି ଯାବନିକ ଶବ୍ଦ ବ୍ୟବହୃତ ହୋଇଥିବାର ଜଣାଯାଏ, ଯଥା– 'ଫରମାଣ' ଓ 'ଫରସେ' । ଏହି ଦୁଇ ଶବ୍ଦକୁ ଦେଖି କେତେକ ଆଲୋଚକ କଳସାର ସମୟ ନିର୍ଦ୍ଧାରଣ କରିବାକୁ ଯାଇ ମୁସଲମାନ ଶାସକ ସମୟର ବୋଲି କହିଥାନ୍ତି । ମାତ୍ର ସେମାନେ ଭୁଲିଯାଆନ୍ତି ଯେ, ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଓ ସ୍ଥଳବାଣିଜ୍ୟ ସେତେବେଳେ ବହୁ ମୁସଲମାନ ସାମ୍ରାଜ୍ୟ ସହ ସମ୍ପୃକ୍ତ ଥିଲା । ତେଣୁ ସେହି ସୂତ୍ରରେ ଏଭଳି କିଛି ଶବ୍ଦକୁ ନୂତନ ଭାବରେ ସାହିତ୍ୟିକ ଦୃଷ୍ଟିକୋଣ ନେଇ ପ୍ରୟୋଗ କରିବାର ଲୋଭ ସମ୍ବରଣ କରିପାରି ନ ଥିବେ । ଏହା ବ୍ୟତୀତ ପ୍ରାଚୀନ ଓଡ଼ିଆ ଅଭିଲେଖରେ ଖ୍ରୀ.୧୩-୧୪ ଶତାବ୍ଦୀ ବେଳକୁ କେତେକ ଯାବନିକ ଶବ୍ଦ ଦେଖିବାକୁ ମିଳେ । ଖ୍ରୀ. ୧୧ଶ ଶତାବ୍ଦୀଠାରୁ ଭାରତରେ ତୁର୍କ ଆଫଗାନ ରାଜତ୍ୱ ଆରମ୍ଭ ହେବା ସହିତ ଓଡ଼ିଶାର ପଡ଼ୋଶୀରାଜ୍ୟ ମୁସଲମାନ କବଳିତ ହୋଇ ସାରିଥିଲା ତଥା ଏମାନଙ୍କ ସହିତ ଓଡ଼ିଶାର ବାରମ୍ବାର ଯୁଦ୍ଧ ଦୀର୍ଘଦିନ ଧରି ହୋଇଆସୁଥିଲା । ତେଣୁ ଖ୍ରୀ. ୧୪ଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ଏହି ଯାବନିକ ଶବ୍ଦର ପ୍ରୟୋଗ ଘଟିବା କିଛି ଅସମ୍ଭବ ନୁହେଁ। 'ଫରମାଣ' ଶବ୍ଦର ଅର୍ଥ ହେଉଛି ରାଜାଜ୍ଞା ବା ରାଜାଦେଶ (ଫର୍ମାନ) ଏବଂ 'ଫରସେ' ଶବ୍ଦ ତୁର୍କ 'ଫରାସ' ଶବ୍ଦର ଅପଭ୍ରଷ୍ଟ ରୂପ । ଏହାର ଅର୍ଥ ଭୃତ୍ୟ, ଯିଏ ଗାଲିଚା ବିଛାଇ ଚଉକି ଟେବୁଲ୍ ପ୍ରଭୃତି ସଜାଡ଼ି ରଖେ । ଏହା ବ୍ୟତୀତ କଳସାରେ ବ୍ୟବହୃତ ବିଭକ୍ତି, ପ୍ରତ୍ୟୟ ଶବ୍ଦର ବିଚାର କରି ଏହାକୁ ସାରଳା ଦାସଙ୍କର ପୂର୍ବବର୍ତ୍ତୀ ରଚନା ଭାବେ ଗ୍ରହଣ କରାଯାଇପାରିବ ।

**ଧର୍ମ ଦୃଷ୍ଟିରୁ କଳସା ଚଉତିଶା :**

ଧର୍ମ ଦୃଷ୍ଟିରୁ ମଧ କଳସା ଚଉତିଶାରେ ମୁଦ୍ରା, ଦର୍ଶନ, ଘଣ୍ଟିଘାଗୁଡ଼ି, ତ୍ରିଶୁଳ, ଶଙ୍ଖ, ଥାଳ ଓ ଝୋଲ ପ୍ରଭୃତିର ବର୍ଣ୍ଣନା ନାଥଯୋଗୀର ଏକ ନିଖୁଣ ଚିତ୍ର ପ୍ରଦାନ କରିଥିବାରୁ ଏହା ତତ୍କାଳୀନ ନାଥ ଧର୍ମଦ୍ୱାରା ପ୍ରଭାବିତ । ତେଣୁ ନାଥଧର୍ମର ଏହା ଏକ ପ୍ରମୁଖ ସାହିତ୍ୟିକ କୃତି । ଓଡ଼ିଆ ସାହିତ୍ୟରେ ନାଥଧର୍ମର ବିକଶିତ ଅବସ୍ଥା ଏକାଦଶରୁ ପଞ୍ଚଦଶ ଶତାବ୍ଦୀର ମଧ୍ୟବର୍ତ୍ତୀ ଅବସ୍ଥା । ଏ ଦୃଷ୍ଟିରୁ ବିଚାର କଲେ ଉକ୍ତ ସାହିତ୍ୟିକ କୃତିକୁ ପଞ୍ଚଦଶ ଶତାବ୍ଦୀ ବା ଏହା ପୂର୍ବବର୍ତ୍ତୀ ରଚନା ଭାବରେ ଗ୍ରହଣ କରାଯାଇପାରେ ।

## ୩.୪ ଆତ୍ମପରୀକ୍ଷଣ ପ୍ରଶ୍ନ

(କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

୧. ପ୍ରାଚୀନ ସାହିତ୍ୟ ଭାବରେ କଳସା ଚଉତିଶାର ମୂଲ୍ୟାଙ୍କନ କର ।

୨. ଓଡିଆ ଚଉତିଶା ସାହିତ୍ୟ ପରିଚୟ ପ୍ରଦାନ ପୂର୍ବକ କଳସା ଚଉତିଶାର ସ୍ଥିତି ନିରୂପଣ କର ।

୩. ଭାଷା ଓ ଭାବ ଦୃଷ୍ଟିରୁ କଳସା ଚଉତିଶାର ବିଶେଷତ୍ୱ ନିର୍ଣ୍ଣୟ କର ।

୪. ଶିବପାର୍ବତୀ ବର୍ଣ୍ଣନା ପ୍ରସଙ୍ଗରେ ତତ୍କାଳୀନ ଓଡିଆ ସମାଜର ଜୀବନ୍ତ ଚିତ୍ର କିପରି ପ୍ରତିଫଳିତ ହୋଇଛି,ପଠିତ କଳସା ଚଉତିଶା ବିଷୟ ଅବଲମ୍ବନରେ ପ୍ରତିପାଦନ କର ।

୫. କଳସାରପ୍ରସଙ୍ଗରେ କବିଙ୍କ କଳ୍ପନାଶକ୍ତିର ପରିଚୟ ପ୍ରଦାନ କର ।

## ୩.୫ ସହାୟକ ଗ୍ରନ୍ଥସୂଚୀ


- ଦାଶ, ସୂର୍ଯ୍ୟନାରାୟଣ, (୧୯୬୮), *ଓଡିଆ ସାହିତ୍ୟର ଇତିହାସ(ପ୍ରଥମ ଭାଗ),* ଗ୍ରନ୍ଥମନ୍ଦିର, କଟକ ।
- ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ),* ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ ।
- ମହାନ୍ତି, ବଂଶୀଧର, (୧୯୫୬), *ଓଡିଶାରେ ବୌଦ୍ଧଧର୍ମ,* ଓଡିଶା ପବ୍ଲିସିଙ୍ଗ ହାଉସ, ବ୍ରହ୍ମପୁର, କଟକ ।
- ମହାନ୍ତି, ବଂଶୀଧର, (୧୯୬୮), *ଓଡିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ* , ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ ।